


## ସଂକ୍ଷେପରେ

### ମା' ହିଙ୍ଗୁଳାଙ୍କ ଝାମୁଯାତ୍ରା



ଭୁବନ, ୧୮।୪(ଡି.ଏନ.ଏ): ଢେଙ୍କାନାଳ ଜିଲା ଭୁବନସ୍ଥିତ ମା' ହିଙ୍ଗୁଳାଙ୍କ ପୀଠରେ ଗୁରୁବାରଠାରୁ ୬୧ତମ ବାର୍ଷିକ ଝାମୁଯାତ୍ରା ଓ ମହାଯଜ୍ଞ ଉତ୍ସବ ଆରମ୍ଭ ହୋଇଛି। ଗୁରୁବାର ଅପରାହ୍ନରେ ଅଞ୍ଚଳର ଶତାଧିକ ମହିଳା ବ୍ରାହ୍ମଣୀ ନଦୀରୁ ପାଣିନେଇ କଳସ ଶୋଭାଯାତ୍ରାରେ ଯାଇଥିଲେ। ପରେ ଘଟସ୍ଥାପନ କରାଯାଇଥିଲା। କଳସ ଶୋଭାଯାତ୍ରାରେ ଭୁବନର ସମସ୍ତ ସଂକୀର୍ତ୍ତନ ମଣ୍ଡଳୀ, ଘଣ୍ଟବାଦ୍ୟ ଏବଂ ବାଜାବାଣ ସାମିଲ ହୋଇଥିଲା। ଏହି ଝାମୁଯାତ୍ରା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ହୋମଯଜ୍ଞ ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିବା ବେଳେ ସୋମବାର ମହାଯଜ୍ଞର ପୂର୍ଣ୍ଣାହୁତି ଦିଆଯିବ। ୨୬,୨୭ ଓ ୨୮ ତାରିଖରେ ଅଞ୍ଚଳର କଳାକାରମାନଙ୍କୁ ନେଇ ନାଟକ ପରିବେଷଣ କରାଯିବ ବୋଲି ସ୍ଥିର ହୋଇଛି। ନାଟ୍ୟ ନିର୍ଦ୍ଦେଶକ ଗୁରୁପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶନାରେ ସାମାଜିକ ନାଟକ କାହାଣୀ କାନ୍ଦୁଛି ଆଖି ଲୁଚାଇ, କହରେ ନାରଣ ଦୋଷ କାହାର, ତୋ ନାଁରେ ମୋ ନାଁକୁ ଦେଇଛି ଯୋଡି ନାଟକ ପରିବେଷଣ କରାଯିବ। ଏହି ନାଟକରେ ନାରାୟଣ ପୋଥାଳଙ୍କ ମୁଖ୍ୟଭୂମିକା ଥିବା ବେଳେ ଶ୍ରେଷ୍ଠାଂଶରେ ରଞ୍ଜନ ପୋଥାଳ ଓ ଯୁବ କଳାକାରଙ୍କୁ ନେଇ ପରିବେଷଣ କରାଯିବ।

## ■ ଆରମ୍ଭ ହେଲା ମା' ହିଙ୍ଗୁଳାଙ୍କ ଯାତ୍ରା

# ଆଶିଷ ନେବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ତାଳଚେର,୧୮।୪(ନି.ପ୍ର.)



ଅନୁଗୋଳ ଜିଲା ତାଳଚେର ସହରର ପଶ୍ଚିମରେ ସିଙ୍ଗଡ଼ା ନଦୀକୂଳ ନିକଟ ଗୋପାଳପ୍ରସାଦ ସ୍ଥିତ ଶକ୍ତିମୟୀ ମା' ହିଙ୍ଗୁଳାଙ୍କ ପୀଠରେ ଗୁରୁବାରଠାରୁ ଆରମ୍ଭ ହୋଇଛି ନବଦିନାତ୍ମକ ଯାତ୍ରା ଓ ଲୋକ ମହୋତ୍ସବ। ସକାଳୁ ସକାଳୁ ଯାତ୍ରାସ୍ଥଳରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ପ୍ରଚଣ୍ଡ ଖରା ସତ୍ତ୍ୱେ ହଜାର ହଜାର ଭକ୍ତ ମା'ଙ୍କ ପୂଜାର୍ଚ୍ଚନା କରି ଆଶିଷ ଲୋଡ଼ିଥିଲେ।

ତାଳଚେରର ଆରାଧ୍ୟ ଓ ଇଷ୍ଟଦେବୀ ହେଉଛନ୍ତି ମା' ହିଙ୍ଗୁଳା। ବର୍ଷସାରା ମା'ଙ୍କ ବିଭିନ୍ନ ପର୍ବପର୍ବାଣି ସହ ପୂଜା ଉତ୍ସବ ଲଗି ରହିଥାଏ। ମା'ଙ୍କ ସ୍ୱତନ୍ତ୍ର ପୂଜା ଚୈତ୍ରମାସ ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ବା ବିଷ୍ଣୁ ଦମନକ ଚତୁର୍ଦ୍ଦଶୀ ଦିନ କରାଯାଇଥାଏ। ଯାହାକୁ ବାସନ୍ତିକ ପୂଜା ବା ହିଙ୍ଗୁଳା ଯାତ୍ରା କୁହାଯାଏ। ଚଳିତବର୍ଷ ଯାତ୍ରାର ପ୍ରଥମ ଦିନରେ ବହୁ ମାନସିକଧାରୀଙ୍କ ସମାଗମ ହୋଇଥିଲା। ପ୍ରାତଃ ସମୟରେ ଶତାଧିକ ଛୋଟ ପିଲାଙ୍କ ମୁଣ୍ଡନ କରାଯାଇଥିଲା। ପ୍ରତ୍ୟୁଷରୁ ଦେହୁରୀଙ୍କ ଦ୍ୱାରା ଉଭାସ୍ଥଳଠାରେ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପରେ ଭକ୍ତମାନେ ଧାଡ଼ିରେ ନିଜ ହାତରେ ଆଣିଥିବା ଗୁଡ଼, ଘିଅ, ମହୁ, ଶାଢି, ଉଖୁଡ଼ା, କନ୍ଦ, ଧୂପ, ନଡ଼ିଆ ନୈବେଦ୍ୟକୁ ମା'ଙ୍କ ପାଖରେ ଅର୍ପଣ କରିଥିଲେ। ତେବେ ଦୀପଦାନ ବେଳେ ଜଣେ ବାଳିକା ନିଆଁ ଲାଗି ଆହତ ହୋଇଥିବା ଜଣାପଡିଛି। ଯାତ୍ରୀ ସମାଗମ ଓ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଉଭାସ୍ଥଳ ନିକଟରେ ବ୍ୟାରିକେଡ ଓ ଟେଣ୍ଟ ବ୍ୟବସ୍ଥା କରାଯାଇଥିଲା। ବୁଧବାର ସନ୍ଧ୍ୟାରେ କୁଟେଇଶୁଣି ମନ୍ଦିରରେ ଦେହୁରୀଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ଧାନକୁଟା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଅପରାହ୍ନ ୧ଟାରେ ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ଆଲମ ବଡ଼ମଣ୍ଡପକୁ ପୂଜା ପାଇଁ ଅଣାଯାଇଥିଲା। ବିଭିନ୍ନ ଗ୍ରାମର ପାଇକ ଦଳ, ଗୋପାଳ ଦଳ, ଘଣ୍ଟୁଆ ଓ ଠାକୁରାଣୀଙ୍କ ସେବକମାନେ ମା'ଙ୍କୁ ପଟୁଆରରେ ଆଣିଥିଲେ। ଦିଅଁ ଘରୁ ବଡ଼ମଣ୍ଡପକୁ ଆଲମକୁ ଅଣାଯିବା ପରେ ସେଠାରେ ରୀତିନୀତି ଅନୁସାରେ ପୂଜା କରାଯାଇଥିଲା। ସନ୍ଧ୍ୟାରେ ରାଜାସାହେବ ରାଜେନ୍ଦ୍ର ଚନ୍ଦ୍ର ଦେବ ପୂର୍ଣ୍ଣାହୁତି ଦେଇଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ଉଭାସ୍ଥଳୀରେ ବାରିକେଡ, ମହିଳା ଓ ପୁରୁଷଙ୍କ ଅଲଗା ପ୍ରବେଶ ଓ ପ୍ରସ୍ଥାନ ପଥ, ପାନୀୟ ଜଳ, ଖରା ପାଇଁ କପଡ଼ା ସାମିଆନାର ବ୍ୟବସ୍ଥା ମଧ୍ୟ କରାଯାଇଛି। ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜଳଛତ୍ର, ମାଗଣା ଅନ୍ନପ୍ରସାଦ ସେବନବ୍ୟବସ୍ଥା, ଆଇସକ୍ରିମ, ଦହି ସରବତ, ତରଭୁଜ ବଣ୍ଟନ ବ୍ୟବସ୍ଥା କରାଯାଇଛି।




## ଏପାଖ ସେପାଖ

### ପଲିଥିନର ବହୁଳ ବ୍ୟବହାର

ଯାତ୍ରାରେ ପଲିଥିନ ବ୍ୟବହାରକୁ ପ୍ରଶାସନ ପକ୍ଷରୁ ନିଷିଦ୍ଧ ସତ୍ତ୍ୱେ ପଲିଥିନ, ପ୍ଲାଷ୍ଟିକ ଗ୍ଲାସର ବହୁଳ ବ୍ୟବହାର ଦେଖିବାକୁ ମିଳିଥିଲା । ଯାତ୍ରାସ୍ଥଳ ଓ ରାସ୍ତା ପ୍ଲାଷ୍ଟିକ ଆବର୍ଜନାମୟ ହୋଇ ପଡିଥିଲା। ବାରଣ କରାଯାଇଥିଲେ ବି ଜନସାଧାରଣ ବହୁଳମାତ୍ରାରେ ପଲିଥିନ ବ୍ୟବହାର କରୁଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ ସଚେତନ ନାଗରିକ ତଥା ବୁଦ୍ଧିଜୀବୀଙ୍କ ମଧରେ ଉଦ୍‌ବେଗ ପ୍ରକାଶ ପାଇଛି।

### ଟ୍ରାଫିକ ନିୟନ୍ତ୍ରଣରେ ଅବ୍ୟବସ୍ଥା

ଯାତ୍ରାରେ ୬ ଲକ୍ଷ ଜନସମାଗମକୁ ଦୃଷ୍ଟିରେ ରଖି ୱାନୱେ ଟ୍ରାଫିକ ସହ ୪ଟି ପାଟ୍ରୋଲିଂ ଗାଡ଼ି ଓ ଫୁଟ୍ ପାଟ୍ରୋଲିଂର ମଧ ବ୍ୟବସ୍ଥା ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଯାତ୍ରାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ଯେଉଁ ରାସ୍ତା ଦେଇ ଲୋକେ ଯାଉଥିଲେ ସେହି ରାସ୍ତାରେ ଫେରୁଥିଲେ। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରାସ୍ତାରେ ଗାଡି ଅଟକାଇ ପାଣି, ଆଇସକ୍ରିମ, ତରଭୁଜ ଆଦି ବଣ୍ଟନ କରାଯାଉଥିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ପ୍ରଶାସନିକ ଓ ପୋଲିସ ଅଧିକାରୀ, ପାଟ୍ରୋଲିଂ ପାର୍ଟି ନୀରବ ରହୁଥିବା ଦେଖାଯାଇଥିଲା।

### ରାସ୍ତାପାର୍ଶ୍ୱରେ ମାଂସ କଟା

ହାଣ୍ଡିଧୁଆଁଠାରୁ ହିଙ୍ଗୁଳା ମନ୍ଦିର ପର୍ଯ୍ୟନ୍ତ ରାସ୍ତାପାର୍ଶ୍ୱରେ ମାଂସ କଟା ଚାଲିଥିବା ଯୋଗୁ ଶ୍ରଦ୍ଧାଳୁଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପ୍ରଶାସନର ଅଣଦେଖା ଯୋଗୁ ଏପରି ହେଉଥିବା ଅଭିଯୋଗ କରି ଜନସାଧାରଣ ବିରକ୍ତି ଭାବ ପ୍ରକାଶ କରିଥିଲେ। ଏଥିପ୍ରତି ଦୃଷ୍ଟି ଦିଆଯିବାକୁ ଭକ୍ତମାନଙ୍କ ପକ୍ଷରୁ ଅନୁରୋଧ କରାଯାଇଛି ।

### ସୁରକ୍ଷା ବ୍ୟବସ୍ଥାକୁ ଲୁଟେରାଙ୍କ ଚ୍ୟାଲେଞ୍ଜ

ବ୍ୟାପକ ଜନସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜଣେ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୨ ଜଣ ଡିଏସ୍‌ପି, ୪ ଜଣ ଇନ୍ସପେକ୍ଟର, ସବଇନ୍ସପେକ୍ଟର ଓ ଏଏସ୍‌ଆଇ, ୪୦୬ ଜଣ ହାବିଲଦାର, ଓଆର୍ କନଷ୍ଟେବଳ, ମହିଳା କନଷ୍ଟେବଳ, ଟ୍ରାଫିକ କନଷ୍ଟେବଳ ୧୦୦ ଜଣ, ହୋମଗାର୍ଡ ୭୦ ଜଣଙ୍କ ସମେତ ୮ ପ୍ଲାଟୁନ ଫୋର୍ସ ଯାତ୍ରାରେ ନିୟୋଜିତ ହୋଇଛନ୍ତି । ସେହିପରି ଭିଡ଼ ଉପରେ ଓ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ଉପରେ ନଜର ରଖିବାକୁ ସିସିଟିଭି ଲଗାଯାଇଛି। କିନ୍ତୁ ପ୍ରବଳ ଜନସମାଗମର ସୁଯୋଗ ନେଇ ସୁରକ୍ଷା ବ୍ୟବସ୍ଥାକୁ ଲୁଟେରାମାନେ ଚ୍ୟାଲେଞ୍ଜ ଦେଇ ସୁନାଚେନ, ହାର, ମନିପର୍ସ, ମୋବାଇଲ ଆଦି ଲୁଟ୍ କରିଥିବା ଅଭିଯୋଗ ହୋଇଛି।

### ଅପରାହ୍ନରେ କୁଆପଥର ବର୍ଷା

ଅପରାହ୍ନରେ ହିଙ୍ଗୁଳା ପୀଠ ଅଞ୍ଚଳରେ ପ୍ରବଳ ବର୍ଷା ସହ କୁଆପଥର ମାଡ଼ ହୋଇଥିଲା। ଏଥିଯୋଗୁ କେତେକ ଟେଣ୍ଟ ଭାଙ୍ଗିଯାଇଥିବା ଜଣାପଡିଛି। ଝଡବର୍ଷା ଯୋଗୁ ସାଂସ୍କୃତିକ କାର୍ଯ୍ୟକ୍ରମ ବାତିଲ କରାଯାଇଥିବା ସୂଚନା ମିଳିଛି।

# ବଳରାମପ୍ରସାଦ ଉତ୍ସବମୁଖର

ବଅଁରପାଳ, ୧୮।୪ (ଡି.ଏନ୍.ଏ)

ମା' ହିଙ୍ଗୁଳାଙ୍କ ଯାତ୍ରା ଅବସରରେ ଉତ୍ସବମୁଖର ହୋଇଉଠିଛି ବଅଁରପାଳ ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମ। ଗୁରୁବାର ଯାତ୍ରାର ପ୍ରଥମ ଦିନରେ ଆଖପାଖ ଅଞ୍ଚଳରୁ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଯାତ୍ରା ଦେଖିବାକୁ ଘରେ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିବା ସହ ପିଠାପଣାରେ ମହକ ଛୁଟୁଛି। ରଙ୍ଗବେରଙ୍ଗର ଆଲୋକ ସଜ୍ଜାରେ ଯାତ୍ରା ପଡ଼ିଆ ଝଲସି ଉଠିଛି। ଅଗ୍ନି ସ୍ୱରୂପିଣୀ ମା' ହିଙ୍ଗୁଳା ଗ୍ରାମର ପାହାଡ଼ ତଳେ ଉଭା ହୋଇଛନ୍ତି। ମା'ଙ୍କ ଉଭା ସ୍ଥଳରେ ବହୁ ଶ୍ରଦ୍ଧାଳୁ ପୂଜା କରିଥିଲେ। ସକାଳେ ପୀଠରେ ଯଥାରୀତି ପୂଜାର୍ଚ୍ଚନା ହୋଇଥିଲା। ଅପରାହ୍ନରେ ଗ୍ରାମର ଦିଅଁ ଘରୁ ଠାକୁରାଣୀଙ୍କ ଆଲମକୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ଯାତ୍ରା ସ୍ଥଳୀକୁ ଅଣାଯାଇଥିଲା। ଶୋଭାଯାତ୍ରାରେ ପାଇକ ଖେଳ, ଘଣ୍ଟବାଦ୍ୟ, ଲଉଡ଼ି ଖେଳ ସମେତ ବିଭିନ୍ନ ବାଦ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ଆଲମ ଆସିବା ପରେ ଠାକୁରାଣୀଙ୍କ ବଡ଼ ପୂଜା ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ୨ ଶହରୁ ଊର୍ଦ୍ଧ୍ୱ ଦୋକାନ ବଜାର ପଡ଼ିଛି। ଏହି ଯାତ୍ରା ୩ ଦିନ ଧରି ଚାଲିବ। ଏହି ଅବସରରେ ଅପେରା ସାଙ୍ଗକୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଯାତ୍ରା କମିଟିର କର୍ମକର୍ତ୍ତା ଓ ସମସ୍ତ ଗ୍ରାମବାସୀ ଯାତ୍ରାକୁ ପରିଚାଳନା କରୁଛନ୍ତି।



ଠାକୁରାଣୀଙ୍କ ଆଲମକୁ ଶୋଭାଯାତ୍ରାରେ ଅଣାଯାଉଛି।

### ଲୁହାମୁଣ୍ଡାରେ ହିଙ୍ଗୁଳା ଯାତ୍ରା

ବଇଣ୍ଡା, ୧୮।୪(ଡି.ଏନ.ଏ.)

କିଶୋରନଗର ବ୍ଲକ ଲୁହାମୁଣ୍ଡା, ସୋଲଣ୍ଡା, ବଇଣ୍ଡାର ମା' ମଙ୍ଗଳାସାହିରେ ହିଙ୍ଗୁଳାଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଙ୍କୁ ପୂଜାର୍ଚ୍ଚନା ପରେ ପଟୁଆରରେ ନଗର ପରିକ୍ରମା କରାଯାଇଥିଲା। ବାଜା, ବାଣ, ଲଉଡ଼ି ଖେଳ, ଘଣ୍ଟବାଦ୍ୟରେ ଗ୍ରାମ ଉତ୍ସବ ମୁଖର ହୋଇପଡ଼ିଥିଲା। ମା'ଙ୍କ ଆଲମକୁ ଯାତ୍ରା ପଡ଼ିଆକୁ ଅଣାଯିବା ପରେ ବହୁ ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିଥିଲେ। ଶ୍ରୀଧର ମାଝି, ମନୋଜ ନାୟକ, ପଞ୍ଚାନନ ସେଠୀ, ଅଞ୍ଜନ କୁମାର ପ୍ରଧାନ, ସୁନୀଲ ବିଶ୍ୱାଳ, ଅରୁଣ ସାହୁ, ପ୍ରଶାନ୍ତ କୁମାର ସାହୁ, ହଜ ସାହୁ, ଚିରୁ ସାହୁ, ସର୍ବେଶ୍ୱର ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।






## ସଂକ୍ଷେପରେ

### ବେଲ୍‌ରେ ଆସିଥିବା ଅଭିଯୁକ୍ତଙ୍କୁ ମାଡ଼ ଅଭିଯୋଗ

ଅନୁଗୋଳ ଅଫିସ, ୧୮।୪: ଅନୁଗୋଳ ସହର ଉପକଣ୍ଠରେ ଜଣେ ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଜେଲ ଯାଇଥିବା ଜଣେ ଯୁବକ ଗୁରୁବାର ବେଲ୍‌ରେ ମୁକୁଳିବା ପରେ ତାଙ୍କୁ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ଜରାସିଂହା ମଝିକା ଅଞ୍ଚଳର ସୌମ୍ୟ ରଞ୍ଜନ ଦାସ ଜେଲରୁ ଆସିବା ପରେ ଅଞ୍ଚଳବାସୀ ଉତ୍ତ୍ୟକ୍ତ ହୋଇପଡିଥିଲେ। ସେମାନେ ସୌମ୍ୟଙ୍କୁ ମାଡ଼ ମାରିବା ଫଳରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ସୌମ୍ୟ ଥାନାରେ ପହଞ୍ଚିବା ପରେ ପୋଲିସ ମେଡିକାଲରେ ତାଙ୍କର ଚିକିତ୍ସା କରାଇଥିଲା।

### ୨୪ ବଖରା ଜଳିଗଲା



କାମାକ୍ଷାନଗର, ୧୮।୪(ଡି.ଏନ.ଏ.) ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁ ଗୋଡିସାହିରେ ଗୁରୁବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ୧୦ ପରିବାର ୨୪ ବଖରା ଜଳିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ୍ ଯୋଗୁ ପ୍ରଥମେ ନରହରି ପରିଡ଼ାଙ୍କ ଘରେ ନିଆଁ ଲାଗିଥିଲା। ଏଥିରେ ତାଙ୍କ ଘର ସମେତ ଦିପ୍ତିରଞ୍ଜନ ପରିଡ଼ା, ଦୀପକ ପରିଡ଼ା, ଦୀନବନ୍ଧୁ ପରିଡ଼ାଙ୍କ ୩ ବଖରା ଲେଖାଏଁ ପୋଡ଼ି ପାଉଁଶ ହୋଇଯାଇଛି। ସେହିପରି ବିଚିତ୍ରାନନ୍ଦ ପରିଡ଼ା, ବିପିନ ପରିଡ଼ା, ଅମ୍ବୁଜ ପରିଡ଼ା, ହାଡ଼ିବନ୍ଧୁ ପରିଡ଼ା, ନିରଞ୍ଜନ ପରିଡ଼ା ଓ କସଣି ବରାଳଙ୍କ ୨ ବଖରା ଲେଖାଏଁ ଘର ଜଳିଯାଇଛି। ଖବରପାଇ କଙ୍କଡ଼ାହାଡ଼ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଙ୍କଡ଼ାହାଡ଼ ତହସିଲ କର୍ମଚାରୀ ପହଞ୍ଚି କ୍ଷୟକ୍ଷତିର ଆକଳନ ଜାରି ରଖିଛନ୍ତି।

### ଅନୁଗୋଳରେ ପ୍ରବଳ ବର୍ଷା

ଅନୁଗୋଳ ଅଫିସ, ୧୮।୪: ଅନୁଗୋଳରେ ଗୁରୁବାର ପ୍ରବଳ ମାତ୍ରାରେ ବର୍ଷା ହୋଇଛି। ସକାଳରେ ଗରମରେ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ଲୋକେ ବର୍ଷା ଯୋଗୁ ଟିକେ ଆଶ୍ୱସ୍ତ ହୋଇଥିଲେ। ଅପରାହ୍ନରେ ଅଳ୍ପ ବର୍ଷା ହୋଇଥିବାବେଳେ ରାତି ୮ଟା ପରେ ବିଜୁଳି ଘଡ଼ଘଡ଼ି ସହ ମୂଷଳ ଧାରାରେ ବର୍ଷା ହୋଇଥିଲା। ଏଥିଯୋଗୁ ସହରର ବିଭିନ୍ନ ରାସ୍ତା ଘାଟରେ ପାଣି ଚାଲିବା ସହ କିଛି ସ୍ଥାନରେ ପାଣି ଜମି ରହିଥିବା ଦେଖିବାକୁ ମିଳିଛି।

■ଶୋଭାଯାତ୍ରା, ପଦଯାତ୍ରାରେ କମ୍ପୁଛି ଗ୍ରାମାଞ୍ଚଳ

# ସହରରେ ବିଜେଡିର ଥ୍ରୀ ଡି ପ୍ରଚାର

ଅନୁଗୋଳ ଅଫିସ, ୧୮।୪



ବିଜେଡି ପକ୍ଷରୁ ଥ୍ରୀ ଡି ପ୍ରଚାର ଗାଡ଼ିରେ ପ୍ରଚାର ଚାଲିଛି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ଶେଷ ହୋଇଥିବାରୁ ତୃତୀୟ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଜୋର ଧରିଛି। ଇତିମଧ୍ୟରେ ପ୍ରଚାର ପାଇଁ ପ୍ରାର୍ଥୀଙ୍କ ହାତରେ ଆଉ ମାତ୍ର ୩ ଦିନ ବାକି ରହିଛି। ୨୩ ତାରିଖରେ ଭୋଟ୍ ଗ୍ରହଣ ହେବାକୁ ଥିବାରୁ ବିଭିନ୍ନ ଦଳର ଷ୍ଟାର ପ୍ରଚାରକ ଜିଲାକୁ ଘନ ଘନ ଗସ୍ତ କରୁଛନ୍ତି। ତେବେ ନେତାମାନେ ଏବେ ଗାଁ ମୁହାଁ ହୋଇଥିବାରୁ ସହରରେ ସେମାନଙ୍କୁ ସେତେଟା ଦେଖିବାକୁ ମିଳୁନି। ଗୁରୁବାର ବିଜେଡିର ଷ୍ଟାର ପ୍ରଚାରକ ଭାବେ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଚାରର ମଙ୍ଗ ଧରିଥିଲେ। ସେହିପରି ସନ୍ଧ୍ୟାରେ ବିଜେଡିର ଏକ ଥ୍ରୀ ଡି ପ୍ରଚାର ଗାଡ଼ି ଅନୁଗୋଳରେ ପହଞ୍ଚିଛି। ସନ୍ଧ୍ୟାରେ ଅନୁଗୋଳ ବସ୍‌ଷ୍ଟାଣ୍ଡ ଠାରେ ଥିବା ଘୋଡ଼ା ଛକ ଠାରେ ଉକ୍ତ ଥ୍ରୀ ଡି ଗାଡ଼ି ପ୍ରଚାର କରୁଥିବା ଦେଖିବାକୁ ମିଳିଛି।

ଅନୁଗୋଳରେ ରାଜନୀତି ମଇଦାନକୁ ଓହ୍ଲାଇଥିବା ୩ ପ୍ରମୁଖ ଦଳର ନେତାମାନେ ଏବେ ନିଜ ନିର୍ବାଚନମଣ୍ଡଳୀର ବିଭିନ୍ନ ଗାଁରେ ପ୍ରଚାର ଚଳାଇଛନ୍ତି। ଘନ ଘନ ନିର୍ବାଚନୀ ବୈଠକ ସହ ଶୋଭାଯାତ୍ରା କରି ଭୋଟରଙ୍କୁ ଭେଟୁଛନ୍ତି। ବିଭିନ୍ନ ଉନ୍ନତିକର କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିମାନ ଦେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ବିଜେଡି ପାର୍ଟି କାର୍ଯ୍ୟାଳୟରେ ପହଞ୍ଚିଥିବା ଥ୍ରୀ ଡି ପ୍ରଚାର ଗାଡ଼ି ସହରର ବିଭିନ୍ନ ସ୍ଥାନକୁ ଯାଇ ପ୍ରଚାର କରିଛି। ଉକ୍ତ ଗାଡ଼ିରେ ଏକ ବଡ଼ ଏଲଇଡି ଲାଗିଥିବାବେଳେ ସାଉଣ୍ଡ ସିଷ୍ଟମ ମଧ୍ୟ ରହିଛି। ବିଜେଡି ସରକାରଙ୍କ ବିଭିନ୍ନ ଜନ ହିତକର ଯୋଜନା ସମ୍ପର୍କରେ ଏହାଦ୍ୱାରା ଲୋକଙ୍କୁ ଅବଗତ କରାଯାଉଥିବାବେଳେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ମଧ୍ୟ ନିବେଦନ କରାଯାଉଛି। ସେହିପରି ଭାଜପା ପକ୍ଷରୁ ମଧ୍ୟ ପ୍ରଚାର କାର୍ଯ୍ୟ ଜାରି ରହିଛି। ଭାଜପା ପ୍ରାର୍ଥୀ ବିଭିନ୍ନ ଗାଁରେ ପ୍ରଚାର କରୁଥିବାଳେ ଶୁକ୍ରବାର ଠାରୁ ସହରାଞ୍ଚଳରେ ପ୍ରଚାର ଜମାଇବେ ବୋଲି ସୂଚନା ମିଳିଛି। ଏପରି କି ଏକ ବଡ଼ ଧରଣର ରୋଡ ଶୋ କାର୍ଯ୍ୟକ୍ରମ ରହିଥିବା ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। କିନ୍ତୁ ଷ୍ଟାର ପ୍ରଚାରକରେ କଂଗ୍ରେସ ପଛରେ ପଡ଼ିଛି। ଅନୁଗୋଳକୁ କେହି ଜଣେ ବି ହେଲେ ଦଳର ଷ୍ଟାର ପ୍ରଚାରକ ଆସିନାହାନ୍ତି। ଦଳୀୟ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଗୁରୁବାର ବିଳମ୍ବିତ ରାତିରେ ଷ୍ଟାର ପ୍ରଚାରକ ପହଞ୍ଚିବେ। ଅନ୍ୟପକ୍ଷରେ ସହରାଞ୍ଚଳରେ ନିର୍ବାଚନୀ ପ୍ରଚାର ନ ହେବାରୁ ଯୁବ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

### ବେଆଇନ ପିସ୍ତଲ ସହ ୮ ଗୁଳି ଜବତ: ଅଭିଯୁକ୍ତ ଗିରଫ

ବଡବିଲ, ୧୮।୪(ସ୍ୱ.ପ୍ର.):

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଉପରବସ୍ତିରୁ ଜଣେ ଯୁବକଙ୍କ ନିକଟରୁ ଏକ ବିଦେଶୀ ପିସ୍ତଲ ସହ ୮ଟି ଜୀବନ୍ତ ଗୁଳି ଜବତ ହୋଇଥିବାବେଳେ ସମ୍ପୃକ୍ତ ଅଭିଯୁକ୍ତ ସେକ ମୁମତାଜଙ୍କୁ ପୋଲିସ ଗିରଫ କରିଥିବା ଜଣାପଡିଛି। ସେକଙ୍କ ନାମରେ ବଡବିଲ ଥାନାରେ ଏକାଧିକ ମାମଲା ରହିଥିବା ଅନୁମାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବଡବିଲ ଉପରବସ୍ତିରେ ରହୁଥିବା ସେକ ମୁମତାଜ ନାମକ ଯୁବକଙ୍କ ପାଖରେ ଏକ ପିସ୍ତଲ ଥିବା ପୋଲିସ ଖବରପାଇଥିଲାବେଳେ ବିଳମ୍ବିତ ରାତିରେ ତାଙ୍କ ଘରେ ଚଢାଉ କରିଥିଲା। ମୁମତାଜଙ୍କ ନିକଟରୁ ପୋଲିସ ଏକ ୟୁଏସଏ (ୟୁନାଇଟେଡ ଷ୍ଟେଟସ ଅଫ ଆମେରିକା) ନିର୍ମିତ ବିଦେଶୀ ପିସ୍ତଲ ସହ ୭.୬୫ ମିଲିମିଟରର ୮ଟି ଜୀବନ୍ତ ଗୁଳି ଜବତ କରିବାକୁ ସକ୍ଷମ ହୋଇଥିବା ଜଣାପଡିଛି। ଏ ନେଇ ପୋଲିସ ବଡବିଲ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିବା ଜଣାପଡିଛି।





ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ନୂତନ କର୍ମୀଙ୍କୁ ସ୍ୱାଗତ କରୁଛନ୍ତି।

# ବିଜେଡିର ମିଶ୍ରଣ ପର୍ବ

ଛେଣ୍ଡିପଦା, ୧୮।୪(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ଜେରେଙ୍ଗ ଦେହୁରୀସାହି ପଞ୍ଚାୟତସ୍ତରୀୟ ବିଜୁ ଜନତା ଦଳ ପକ୍ଷରୁ ଗୁରୁବାର ଏକ ମିଶ୍ରଣ ପର୍ବ ସ୍ଥାନୀୟ ଜେରେଙ୍ଗ ଯାତ୍ରା ପଡିଆସ୍ଥିତ ଶିବ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ସମର୍ଥିତ ସମିତିସଭ୍ୟ ପ୍ରସନ୍ନ କୁମାର ପ୍ରଧାନ ତାଙ୍କର ଶତାଧିକ ସମର୍ଥକ, ୱାର୍ଡମେମ୍ବର ଶତ୍ରୁଘ୍ନ ନାଏକ, କମଳଲୋଚନ ଦେହୁରୀ, ୱାର୍ଡ ସଭ୍ୟା କଳ୍ପନା ବେହେରା, ରେବତୀ ସାହୁ, ପ୍ରଣତି ନାଏକ, କୁମୁଦ ଚନ୍ଦ୍ର ବେହେରା, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ନାଏକ, ହାଡିବନ୍ଧୁ ମହାପାତ୍ର, ଯୁଗଳ ଦେହୁରୀ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ସମସ୍ତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ସରପଞ୍ଚ ବିଭୂତି ଭୂଷଣ ଗଡନାୟକଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବରେ ବ୍ଲକ ବିଜେଡି ସଭାପତି ଶ୍ରୀଧର ଗଡନାୟକ, ବରିଷ୍ଠ ନେତା ନାରାୟଣ ସାହୁ, ଦଳୀୟ ପରାମର୍ଶଦାତା ହିମାଂଶୁ ଶେଖର ନାଥ, ବରିଷ୍ଠ ନେତା ଇନ୍ଦ୍ରମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ‘ରାଜ୍ୟରେ ପରିବର୍ତ୍ତନ ଲୋଡ଼ା’



ବଇଣ୍ଡା, ୧୮।୪(ଡି.ଏନ.ଏ.)

ରାଜ୍ୟରେ ଦୀର୍ଘ ୧୯ ବର୍ଷ ସରକାରର ଏକଚ୍ଛତ୍ରବାଦ ଶାସନ ଚାଲିଛି। ଅପରାଧ ବଢ଼ିବାସହ ସରକାରୀ ଯୋଜନା ବାଟ ମାରଣା କରାଯାଉଛି। କେନ୍ଦ୍ରୀୟ ଯୋଜନା ଠିକ୍ ଭାବେ ପ୍ରଚଳନ ହେଉ ନ ଥିବାବେଳେ ଗରିବ ଲୋକଙ୍କୁ ଯୋଜନାରୁ ବଞ୍ଚିତ କରାଯାଉଛି। ତେଣୁ ଲୋକଙ୍କ ଦୁଃଖ ଦୂର ପାଇଁ ସରକାରରେ ପରିବର୍ତ୍ତନ ଲୋଡା ବୋଲି ଗୁରୁବାର କିଶୋରନଗର ବ୍ଲକ କେନ୍ଦୁନାଳୀ ନିକଟରେ ଭାଜପାର ଅନୁଷ୍ଠିତ ନିର୍ବାଚନୀ ସଭାରେ ମୁଖ୍ୟଅତିଥି ରାଜ୍ୟ ଭାଜପା ସଭାପତି ବସନ୍ତ ପଣ୍ଡା କହିଛନ୍ତି। ଏହି ଅବସରରେ ସେ ଦଳୀୟ ବିଧାୟକ ପ୍ରାର୍ଥୀ ଭାଗୀରଥି ପ୍ରଧାନ ଓ ଏମ୍‌ପି ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କ ପାଇଁ ଭୋଟ ମାଗିଥିଲେ। ଏହି ସଭାରେ ମହିଳା ମୋର୍ଚ୍ଚା ରାଜ୍ୟ ସମ୍ପାଦିକା ତଥା ଚଳଚ୍ଚିତ୍ର ଅଭିନେତ୍ରୀ ଅନୁ ଚୌଧୁରୀ, ଭାଜପା ନେତ୍ରୀ ଅରୁନ୍ଧତୀ ଦେବୀ, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ପ୍ରଧାନ, ବଂଶୀଧର ସେଠୀ, ଅର୍ଜୁନ ପାଣ୍ଡେ, ନାକିଚି ମଣ୍ଡଳ ସଭାପତି ସତ୍ୟନାରାୟଣ ପ୍ରଧାନ ରତ୍ନାକର ପ୍ରଧାନ, ଚିତ୍ତରଞ୍ଜନ ମେହେର, ବିଧାୟକ ପ୍ରାର୍ଥୀ ଭାଗୀରଥୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରେ ରାଜ୍ୟ ସଭାପତି ପଣ୍ଡା ଜାମୁନାଳୀ, ଖଣ୍ଡବର, ଅଁଳାବେରଣୀ, ହଣ୍ଡପା, ପାପସରା, ବଇଶିଣା ଆଦି ଗ୍ରାମରେ ପ୍ରଚାର କରିଥିଲେ।

### ଦୁର୍ଘଟଣାରେ ଅବସରପ୍ରାପ୍ତ କନଷ୍ଟେବଲ ମୃତ

ଅନୁଗୋଳ ଅଫିସ, ୧୮।୪:

ଅନୁଗୋଳ ତୁରଙ୍ଗ ଛକଠାରେ ଗୁରୁବାର ଏକ ଦୁର୍ଘଟଣାରେ ଅବସରପ୍ରାପ୍ତ କନଷ୍ଟେବଲ ସୁରେଶ ସେଠୀଙ୍କ ମୃତ୍ୟୁ ହୋଇଛି। କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ଅନୁଗୋଳ ହେମସୁରପଡ଼ା ଅଞ୍ଚଳରେ ରହୁଥିବା ଅବସରପ୍ରାପ୍ତ କନଷ୍ଟେବଲ ସୁରେଶ କୌଣସି କାର୍ଯ୍ୟରେ ନାଲ୍‌କୋ ଯାଇଥିଲେ। ଅନୁଗୋଳକୁ ଫେରିବା ବାଟରେ ତୁରଙ୍ଗ ଠାରେ ପଛପଟୁ ଏକ କଣ୍ଟେନର ତାଙ୍କୁ ଧକ୍କା ଦେଇଥିଲା। ଅନୁଗୋଳ ମେଡିକାଲରେ ପ୍ରାଥମିକ ଚିକିତ୍ସା କରିବା ପରେ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ପୋଲିସ କଣ୍ଟେନର ଗାଡ଼ିକୁ ଥାନାରେ ଅଟକ ରଖିଥିବାବେଳେ ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି।

■ୱାର୍ଡକୁ ନେବାକୁ କର୍ମଚାରୀ ନାହାନ୍ତି

# ଷ୍ଟ୍ରେଚରରେ ଘଣ୍ଟାଏ ପଡ଼ିରହିଲେ ରୋଗୀ

ଅନୁଗୋଳ ଅଫିସ, ୧୮।୪



ମେଡିକାଲ ପରିସରରେ ମହିଳା ରୋଗୀ ଷ୍ଟ୍ରେଚରରେ ପଡିରହିଛନ୍ତି।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା। ଗୁରୁତର ଥିବା ଜଣେ ମହିଳା ରୋଗୀଙ୍କୁ ଡାକ୍ତର ୱାର୍ଡକୁ ରେଫର କରିଥିଲେ ବି ତାଙ୍କୁ ଷ୍ଟ୍ରେଚରରେ ୱାର୍ଡକୁ ନେବାକୁ କୌଣସି କର୍ମଚାରୀ ନ ଥିଲେ। ଫଳରେ ସେହି ଷ୍ଟ୍ରେଚରରେ ମହିଳା ରୋଗୀ ଜଣକ ଦୀର୍ଘ ଘଣ୍ଟାଏ ଧରି ପଡ଼ିରହିଥିଲେ। ପରେ ତାଙ୍କ ପରିବାର ଲୋକ ପହଞ୍ଚି କାନ୍ଧରେ ବୋହି ମହିଳାଙ୍କୁ ୱାର୍ଡରେ ଭର୍ତ୍ତି କରିଥିଲେ। ଏହାକୁ ନେଇ ମେଡିକାଲ ପରିସରରେ ଚାପା ଉତ୍ତେଜନା ଦେଖାଦେଇଥିଲା।

ଜିଲାର ମୁଖ୍ୟ ଚିକିତ୍ସାଳୟ ହୋଇଥିବାରୁ ଏଠାରେ ରୋଗୀଙ୍କୁ ତତ୍କାଳ ତଥା ଉତ୍ତମ ସେବା ଯୋଗାଇ ଦିଆଯିବା କଥା। କିନ୍ତୁ କର୍ତ୍ତୃପକ୍ଷ ରୋଗୀ ସେବା ପ୍ରତି ଆବଶ୍ୟକ ଧ୍ୟାନ ଦେଉ ନ ଥିବାରୁ ବାରମ୍ବାର ଏପରି ଅବ୍ୟବସ୍ଥା ଦେଖାଯାଉଥିବା ରୋଗୀମାନେ ଅଭିଯୋଗ କରୁଛନ୍ତି। ଗୁରୁବାର ଜଣେ ମହିଳା ରୋଗୀ ପୁଅ ସହ ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ମହିଳାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ତୁରନ୍ତ ୱାର୍ଡରେ ଭର୍ତ୍ତି କରାଇଥିଲେ। ତେବେ ତିନି ମହଲା ଉପରେ ଥିବା ୱାର୍ଡକୁ ଷ୍ଟ୍ରେଚର ଧରି ନେବା ପାଇଁ କୌଣସି କର୍ମଚାରୀ ନ ଥିଲେ। ମହିଳାଙ୍କ ପୁଅ ଦୀର୍ଘ ଘଣ୍ଟାଏ ଧରି କର୍ମଚାରୀଙ୍କୁ ଖୋଜାଖୋଜି କରୁଥିବା ବେଳେ ଏଣେ ରୋଗୀ ଜଣକ ତଳେ ଷ୍ଟ୍ରେଚରରେ ଶୋଇ ରହିଥିଲେ। ଶେଷରେ ଉପାୟ ଶୂନ୍ୟ ହୋଇ ପୁଅ ଘରକୁ ଫୋନ କରିବା ପରେ ମହିଳାଙ୍କ ସ୍ୱାମୀ ପହଞ୍ଚି କାନ୍ଧରେ ବୋହି ରୋଗୀଙ୍କୁ ୱାର୍ଡକୁ ନେଇଥିଲେ। ଏ ନେଇ ମେଡିକାଲରେ ଚାପା ଉତ୍ତେଜନା ଦେଖା ଦେଇଥିଲେ ବି ମେଡିକାଲ କର୍ତ୍ତୃପକ୍ଷ ରୋଗୀ ଓ ସମ୍ପର୍କୀୟଙ୍କୁ ଚୁପ୍ କରାଇ ଦେଇଥିବା ଆଲୋଚନା ହେଉଛି। ଏ ନେଇ ଏଡିଏମ୍‌ଓ ଲକ୍ଷ୍ମୀନାରାୟଣ ବିଶୋଇଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ।

## ‘କବିଭୂଷଣଙ୍କ ସାହିତ୍ୟ ମୂଲ୍ୟବୋଧଭିତ୍ତିକ’




କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ଅବସରରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୧୮।୪

ଢେଙ୍କାନାଳ ଅଭିନନ୍ଦନ ଗାର୍ଡେନଠାରେ ୧୪ ତାରିଖ ସନ୍ଧ୍ୟାରେ କବିଭୂଷଣ ସ୍ମୃତି ସଂସଦ ଓ ଜିଲା ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ସାହିତ୍ୟିକ କବିଭୂଷଣ ରାଜକିଶୋର ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଉଦ୍ଧବ ଚରଣ ନାୟକ କହିଲେ ଯେ, ମୂଲ୍ୟବୋଧଭିତ୍ତିକ ସାହିତ୍ୟ ସୃଷ୍ଟି ଦିଗରେ କବିଭୂଷଣ ସଦାସର୍ବଦା ଉଦ୍ୟମ କରୁଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଭବାନୀ ଶଙ୍କର ମିଶ୍ର ଯୋଗଦେଇ କବିଭୂଷଣ ଏକାଧାରାରେ କବି, ପ୍ରାବନ୍ଧିକ, ସମାଲୋଚକ, ଶାସ୍ତ୍ରବିତ ଓ ଭାଷାବିତ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ମହାନଦୀ କୋଲ୍ ଫିଲ୍ଡ ସିନିୟର ମ୍ୟାନେଜର ନିରଞ୍ଜନ ଜେନା, କବିଭୂଷଣଙ୍କ କୃତି ଉପରେ ଆଲୋକପାତ କରିଥିଲେ। ଉତ୍ସବରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି ମନୋରଞ୍ଜନ ନନ୍ଦ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶିକ୍ଷାବିତ ଧନେଶ୍ୱର ସାହୁଙ୍କୁ ବ୍ରଜନାଥ ବଡଜେନା ସମ୍ମାନ, ଟୁନେନ୍ଦ୍ର ପଟ୍ଟନାୟକଙ୍କୁ କବିଭୂଷଣ ସ୍ମୃତି ସମ୍ମାନ, ନାଟ୍ୟକାର ଦିନେଶ ଦାସଙ୍କୁ ଶ୍ରୀରଙ୍ଗରାଜ ସମ୍ମାନ ପ୍ରଦାନ କରାଯାଇଥିଲା। ଅଜିତ ରଣା ସ୍ୱାଗତ ଭାଷଣ ଓ ମାନସ କୁମାର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅର୍ଚ୍ଚନା ରଥ, ଦେବୀ ପ୍ରସାଦ ମିଶ୍ର ଓ ବାହାଦୂର ପାଟସାହାଣୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

■ସେକ୍ଟର ଅଫିସରମାନଙ୍କୁ ତାଲିମ

# ଗାଡ଼ିରେ ଲାଗିବ ଜିପିଏସ୍

ଅନୁଗୋଳ ଅଫିସ, ୧୮।୪



ତାଲିମ କାର୍ଯ୍ୟକ୍ରମରେ ନିର୍ବାଚନ ଅଧିକାରୀ ଓ ଅନ୍ୟମାନେ।

ଚଳିତ ସାଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ ଭାବେ ପରିଚାଳନା କରିବା ପାଇଁ ନିୟୋଜିତ ସେକ୍ଟର ଅଫିସରମାନଙ୍କୁ ଗୁରୁବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ତାଲିମ ପ୍ରଦାନ କରାଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସେକ୍ଟର ଅଫିସରମାନଙ୍କୁ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରିଥିଲେ। ଭୋଟ ଗ୍ରହଣର ୨ ଦିନ ପୂର୍ବରୁ ତଥା ୨୧ ତାରିଖରେ ସାମଗ୍ରୀ ବଣ୍ଟନ କାର୍ଯ୍ୟକୁ ଅନୁଧ୍ୟାନ କରିବା ସହ ସମ୍ପୃକ୍ତ ପୋଲିଂ ପାର୍ଟି ନିଜ ନିଜ ବୁଥ୍‌ରେ ପହଞ୍ଚିଲେ କି ନାହିଁ ତାହା ତଦାରଖ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ପ୍ରତି ବୁଥ୍‌ରେ ଆବଶ୍ୟକ ଆନୁଷଙ୍ଗିକ ବ୍ୟବସ୍ଥା ସହ ଭୋଟିଂ କମ୍ପାର୍ଟମେଣ୍ଟ ଠିକ୍ ଅଛି କି ନାହିଁ ଅନୁଧ୍ୟାନ କରିବାକୁ ମଧ୍ୟ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

ଆସନ୍ତା ୨୨ ତାରିଖରେ ଅଣୁ ପର୍ଯ୍ୟବେକ୍ଷକମାନେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବୁଥ୍‌ରେ ପହଞ୍ଚିବେ। ୨୩ ତାରିଖ ଭୋଟ ଗ୍ରହଣ ଦିନ ସକାଳ ୫ ଟା ୩୦ରେ ମକ୍ ପୋଲ କରି ୭ ଘଟିକା ସୁଦ୍ଧା ସମ୍ପୃକ୍ତ ରିଟର୍ନିଂ ଅଫିସରଙ୍କୁ ସୂଚନା ପ୍ରଦାନ କରିବେ। ଇଭିଏମ୍ ଓ ଭିଭିପିଏଟିକୁ ପୋଲିଂ ପାର୍ଟି ଠିକ୍ ଭାବେ ପରିଚାଳନା କରି ପାରୁଛନ୍ତି ବୋଲି ଭୋଟ ଗ୍ରହଣର ଗୋଟିଏ ଦିନ ପୂର୍ବରୁ ସେକ୍ଟର ଅଫିସରମାନେ ପ୍ରମାଣ ପତ୍ର ପ୍ରଦାନ କରିବେ। ଭୋଟ ଗ୍ରହଣ ପୂର୍ବରୁ ସେକ୍ଟର ଅଫିସରମାନେ ନିଜ ନିଜ ବୁଥ୍ ପରିଦର୍ଶନରେ ଯାଇ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଯୋଗାଣ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥାକୁ ଅନୁଧ୍ୟାନ କରିବାକୁ ପରାମର୍ଶ ଦିଆଯାଇଥିଲା। ଭୋଟ ଦିନ ପ୍ରତି ୨ ଘଣ୍ଟାରେ ଥରେ କେତେ ପୋଲିଂ ହେଉଛି ତାର ଠିକ୍ ସୂଚନା ପ୍ରଦାନ କରିବା ସହ ସମୟାନୁବର୍ତ୍ତିତା ଓ ଦକ୍ଷତାର ସହିତ ଦାୟିତ୍ୱ ନିର୍ବାହ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ତେବେ ଜିଲାର ୧୨୦ଟି ବୁଥ୍‌ରେ ୱେବ୍ କାଷ୍ଟିଙ୍ଗ କରାଯାଇଥିବାବେଳେ କିଛି ସମ୍ବେଦନଶୀଳ ବୁଥ୍‌ରେ ସିସିଟିଭି ଲାଗାଯାଇଥିବା ସମ୍ପର୍କରେ ଜିଲାପାଳ ସୂଚନା ପ୍ରଦାନ କରିଥିଲେ। ଏଥିସହ ସମସ୍ତ ସେକ୍ଟର ଅଫିସରଙ୍କ ଗାଡ଼ିକୁ ଜିପିଏସ୍ ଟ୍ୟାଗିଙ୍ଗ୍ କରାଯିବ। ୫ଟି ବିଧାନସଭା ନିର୍ବାଚନମଣ୍ଡଳୀର ୧୧୬୩ଟି ବୁଥ୍ ପାଇଁ ୧୨୨ ଜଣ ସେକ୍ଟର ଅଫିସର ଓ ୭୩ ଜଣ ଅଣୁପର୍ଯ୍ୟବେକ୍ଷକ ନିର୍ବାଚନ ପରିଚାଳନା କାର୍ଯ୍ୟକୁ ତଦାରଖ କରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଯୋଗଦେଇ ଚଳିତ ନିର୍ବାଚନରେ ବ୍ୟବହାର ହେଉଥିବା ପ୍ରଯୁକ୍ତି ବିଦ୍ୟା ସମ୍ପର୍କରେ ଆବଶ୍ୟକ ଜ୍ଞାନ ଆହରଣ କରି ସ୍ୱଚ୍ଛ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ସାଧନକର୍ମୀ ଭାବେ ଏନ୍‌ଆଇସିର ଡିଆଇଓ ସୁବ୍ରତ କୁମାର ଚାଟାର୍ଜୀ ଓ ଜିଲା କାର୍ଯ୍ୟାଳୟର ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକା ଜିପିଏସ୍ ଟ୍ୟାଗିଙ୍ଗ ଓ ମୋବାଇଲ ଆପ୍‌ର ଠିକ୍ ବ୍ୟବହାରକୁ ନେଇ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ରାଣୀପୁରରେ ଜଣ୍ଡିସ୍ ଆତଙ୍କ



ବନ୍ତ, ୧୮।୪ (ସ୍ୱ.ପ୍ର.): ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ କାଦବରାଙ୍ଗ ପଞ୍ଚାୟତ ରାଣୀପୁର ଗ୍ରାମରେ ଜଣ୍ଡିସ୍ ଆତଙ୍କ ଦେଖାଦେଇଛି। ଦୂଷିତ ଜଳ ବ୍ୟବହାର ଯୋଗୁ ଏହି ରୋଗ ବ୍ୟାପୁଥିବା ଆଶଙ୍କା କରାଯାଉଛି। ବର୍ତ୍ତମାନ ସୁଦ୍ଧା ମୋଟ ୯ ଜଣ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗୁରୁବାର ସକାଳେ ଜିଲା ମୁଖ୍ୟ ଚିକିତ୍ସାଳୟର ଏକ ଡାକ୍ତରୀ ଟିମ୍ ଏହି ଗାଁରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରି ଫେରିଛନ୍ତି। ଏଥିସହ ପରିମଳ ଓ ପାନୀୟଜଳ ବ୍ୟବହାର ସମ୍ପର୍କରେ ଲୋକଙ୍କୁ ସେମାନେ ସଚେତନ କରାଇଛନ୍ତି। ଚିକିତ୍ସା ପରେ ଆକ୍ରାନ୍ତ ୯ ଜଣଙ୍କ ମଧ୍ୟରୁ ୫ ଜଣ ସୁସ୍ଥ ଥିବା ଏବଂ ଅନ୍ୟ ୪ ଚିକିତ୍ସାଧୀନ ଥିବା ଡାକ୍ତରଖାନା ପକ୍ଷରୁ କୁହାଯାଇଛି। ରାଣୀପୁର ଗାଁ ପରିଦର୍ଶନ କରିଥିବା ଡାକ୍ତରୀ ଟିମ୍‌ରେ ଜିଲା ଚିକିତ୍ସାଳୟର ଡାଟା ମ୍ୟାନେଜର ହିମାଂଶୁ ଭୂଷଣ ସାହୁ, ସୁପରଭାଇଜର ପୂର୍ଣ୍ଣଚନ୍ଦ୍ର ବେହେରା, ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଚ୍‌ଓ ସୁରେଶ ଚନ୍ଦ୍ର ପ୍ରଧାନ, ସୁପରଭାଇଜର ଗୟାଧର ମଲିକ ସାମିଲ ହୋଇଥିଲେ। ଗାଁରେ ୪୦ ପରିବାରରେ ମୋଟ ୨୪୨ ଲୋକ ବସବାସ କରୁଛନ୍ତି।

### ■ମାଇକ୍ରୋ ଅବଜରଭରଙ୍କୁ ତାଲିମ କାର୍ଯ୍ୟକ୍ରମ

# ବୁଥ୍‌ରେ ସ୍ୱଚ୍ଛତା ମୁଖ୍ୟ ଦାୟିତ୍ୱ

ଢେଙ୍କାନାଳ ଅଫିସ, ୧୮।୪

ଢେଙ୍କାନାଳ ଜିଲାରେ ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନିମନ୍ତେ ନିୟୋଜିତ ମାଇକ୍ରୋ ଅବଜରଭର (ଅଣୁ ପର୍ଯ୍ୟବେକ୍ଷକ)ମାନଙ୍କର ତାଲିମ କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ ଜିଲାରେ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚନ ସମସ୍ତ ମାଇକ୍ରୋ ଅବଜରଭରମାନଙ୍କ ମୁଖ୍ୟ ଦାୟିତ୍ୱ ବୋଲି କହିବା ସହ ଏହାକୁ ସୁଚାରୁରୂପେ ପାଳନ ନିମନ୍ତେ ସେମାନଙ୍କ ସହଯୋଗ କାମନା କରିଥିଲେ। ଜିଲାର ସମସ୍ତ ସମ୍ବେଦନଶୀଳ ଭୋଟଗ୍ରହଣ କେନ୍ଦ୍ରରେ ନିୟୋଜିତ ମାଇକ୍ରୋ ଅବଜରଭର ସମସ୍ତ ସୂଚନା ବିବରଣୀ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ପ୍ରଦାନ କରିବେ। ଢେଙ୍କାନାଳ ସଂସଦୀୟ କ୍ଷେତ୍ରର ସାଧାରଣ ପର୍ଯ୍ୟବେକ୍ଷକ ଭରତଲାଲ ବଞ୍ଜାରା ସମ୍ବେଦନଶୀଳ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକର ସୂଚନା ଓ ରିପୋର୍ଟ ପ୍ରଦାନ କରିବା ପାଇଁ ସମସ୍ତ ଅଣୁ ପର୍ଯ୍ୟବେକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟାନ୍ୟ ପୋଲିଂ ପାର୍ଟିର ଅଧିକାରୀ, କର୍ମଚାରୀ ଓ ସୁରକ୍ଷା କର୍ମଚାରୀଙ୍କ ସହ ଅଣୁ ପର୍ଯ୍ୟବେକ୍ଷକମାନେ ୨୧ ତାରିଖ ଦିନ ଇଭିଏମ୍, ଭିଭିପିଏଟି ସଂରକ୍ଷଣ କେନ୍ଦ୍ରରୁ ପ୍ରସ୍ଥାନ କରି ସମସ୍ତ ସମ୍ବେଦନଶୀଳ ବୁଥ୍‌କୁ ଗସ୍ତ କରିବେ। ବୁଥ୍‌ରେ ପୋଲିଂ ଏଜେଣ୍ଟମାନଙ୍କର ଉପସ୍ଥାନ ଯାଞ୍ଚ କରିବା ସହ ଭୋଟ ଗ୍ରହଣ ସମୟରେ ଗୋପନୀୟତା ବଜାୟ ରଖିବା ପାଇଁ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଇଭିଏମ୍ ଓ ଭିଭିପିଏଟି ମେଶିନଗୁଡ଼ିକର ଜ୍ଞାନକୌଶଳକୁ ଅନୁଧ୍ୟାନ କରିବା ପାଇଁ ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର ପରାମର୍ଶ ଦେଇଥିଲେ। ପୋଲିଂ ଅଫିସିଆଲ ଓ ଏଜେଣ୍ଟମାନଙ୍କର କ୍ରମାଙ୍କ ଅନୁସାରେ ବସିବା ବ୍ୟବସ୍ଥା ମଧ୍ୟ ଅଣୁ ପର୍ଯ୍ୟବେକ୍ଷକମାନେ ନିରୀକ୍ଷଣ କରିବେ ବୋଲି ଜିଲାପାଳ କହିଥିଲେ। ଭୋଟରଙ୍କ ସମେତ ପୋଲିଂ ଅଧିକାରୀ, ପ୍ରାର୍ଥୀମାନଙ୍କ ନିର୍ବାଚନ ଏଜେଣ୍ଟ, ପୋଲିଂ ଏଜେଣ୍ଟ, ଭାରତର ନିର୍ବାଚନ କମିଶନଙ୍କ ପ୍ରାଧିକୃତ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଅଣୁ ପର୍ଯ୍ୟବେକ୍ଷକ ଓ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଭୋଟଗ୍ରହଣ କେନ୍ଦ୍ରରେ ପ୍ରବେଶକୁ ମାନ୍ୟତା ଦିଆଯିବ। କୌଣସି ଇଭିଏମ୍ ଓ ଭିଭିପିଏଟିରେ ତ୍ରୁଟି ପରିଲକ୍ଷିତ ହେଲେ ଅଣୁ ପର୍ଯ୍ୟବେକ୍ଷକମାନେ ତୁରନ୍ତ ସେକ୍ଟର ଅଫିସରମାନଙ୍କ ଦୃଷ୍ଟିଗୋଚରକୁ ଆଣିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗଣତି ଦିନ ଅଣୁ ପର୍ଯ୍ୟବେକ୍ଷକମାନେ ମଧ୍ୟ ଭୋଟ ଗଣତି କେନ୍ଦ୍ରରେ ଉପସ୍ଥିତ ରହିବା ଉଚିତ ବୋଲି ଜିଲାପାଳ କହିଥିଲେ। ତାଲିମ କାର୍ଯ୍ୟରେ ଅନୁପସ୍ଥିତ ଥିବା ଅଣୁ ପର୍ଯ୍ୟବେକ୍ଷକମାନେ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା ନିର୍ଦ୍ଦେଶ ଦେଇଥିଲେ। ଡେପୁଟି କଲେକ୍ଟର(ନିର୍ବାଚନ) ରଶ୍ମିରେଖା ସ୍ୱାଇଁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହେମନ୍ତ କୁମାର ନାୟକ, ଏନ୍‌ଆଇସି ଅଧିକାରୀ ଦିଲୀପ କୁମାର ନନ୍ଦଙ୍କ ସହ ସମସ୍ତ ସହକାରୀ ରିଟର୍ନିଂ ଅଫିସର, ଅଣୁ ପର୍ଯ୍ୟବେକ୍ଷକ ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।



ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମାଇକ୍ରୋ ଅବଜରଭରଙ୍କ ତାଲିମ କାର୍ଯ୍ୟକ୍ରମ।

■ଭୋଟ ସମୟରେ ଗୋପନୀୟତା ବଜାୟ ରଖିବେ

■ଇଭିଏମ୍, ଭିଭିପିଏଟିର ଜ୍ଞାନକୌଶଳ ଅନୁଧ୍ୟାନ କରିବେ

## ଗଠନମୂଳକ କାର୍ଯ୍ୟ କରନ୍ତୁ ଯୁବ ସମାଜ

ଭାପୁର,୧୮।୪(ଡି.ଏନ.ଏ.)

ଢେଙ୍କାନାଳ ଜିଲା ସଦର ବ୍ଲକ ଭାଗୀରଥିପୁରଠାରେ ଢେଙ୍କାନାଳ ଛଦେଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ସାଧାରଣ ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। ସମାଜର ସଭାପତି ଚୈତନ୍ୟ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସାତଗଡ଼ ରାଜ୍ୟ ସଭାପତି ନିଧି ସାହୁ, ମୁଖ୍ୟବକ୍ତା ସପ୍ତରାଜ୍ୟ ସମାଜର ସମ୍ପାଦକ ବ୍ରଜବନ୍ଧୁ ସାହୁ, ସମ୍ମାନିତ ଅତିଥି ରମେଶ ଚନ୍ଦ୍ର ସାହୁ, ଡ. ଅନ୍ତର୍ଯ୍ୟାମୀ ସାହୁ, ଭରତ କିଶୋର ସାହୁ, ପ୍ରାଣବନ୍ଧୁ ସାହୁ, ସୁଧାକର ସାହୁ, ଅନିରୁଦ୍ଧ ସାହୁ, ମହେଶ୍ୱର ସାହୁ, ପ୍ରଫୁଲ୍ଲ ସାହୁ ଯୋଗଦେଇ ଯୁବ ସମାଜ ଗଠନମୂଳକ କାର୍ଯ୍ୟରେ ହସ୍ତକ୍ଷେପ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗତ ବର୍ଷ ଗଠିତ ହୋଇଥିବା ସାମାଜିକ ପାଣ୍ଠିର ଆୟରୁ ୨୦ ଜଣ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ବଣ୍ଟନ କରାଯାଇଥିଲା। ସେହିପରି ଜଣେ ମେଧାବୀ ଇଞ୍ଜିନିୟରିଂ ଛାତ୍ରଙ୍କୁ ୫ ହଜାର ଟଙ୍କା ଏବଂ ୩୦ ଜଣଙ୍କୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଏହି ପାଣ୍ଠିକୁ ୧୦ ହଜାର ଏବଂ ଅମରେନ୍ଦ୍ର ସାହୁ ୧୦ ହଜାର ଟଙ୍କା ଦାନ ସ୍ୱରୂପ ପ୍ରଦାନ କରିଥିଲେ। ବୈଠକରେ ରାଜ୍ୟ କର୍ମକର୍ତ୍ତା, ୧୩ଟି ସାହିର ବେହେରା ଓ ଥାନୀ ମହୋଦଙ୍କୁ ରାଜ୍ୟ ତରଫରୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜର ୧୦୦ତମ ଅଧିବେଶନ ଆସନ୍ତା ୩୦ ଏପ୍ରିଲ ଓ ମେ ୧, ୨ ତାରିଖରେ ଧିରପାଟଣା ଗ୍ରାମରେ ହେବାକୁ ଧାର୍ଯ୍ୟ କରାଯାଇଛି। ସମ୍ପାଦକ ରସାନନ୍ଦ ମହାପାତ୍ର ବିବରଣୀ ପାଠ କରିଥିଲେ। ଶେଷରେ ସର୍ବସମ୍ମତିକ୍ରମେ ପୂର୍ବବର୍ଷର କର୍ମକର୍ତ୍ତାମାନେ ପୁନର୍ବାର ଦାୟିତ୍ୱ ଗ୍ରହଣ କରି ଶପଥ ପାଠ କରିଥିଲେ।



## ହାଇୱେରେ ଟ୍ରକ୍ ଅଟକାଇ ଲୁଟ୍, ୪ ଅଭିଯୁକ୍ତ ଗିରଫ

ବଡବିଲ, ୧୮।୪(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି-ରାଉରକେଲା ହାଇୱେରେ ଟ୍ରକଗୁଡ଼ିକୁ ଅଟକାଇ ଲୁଟ କରୁଥିବା ଚାରିଜଣିଆ ଲୁଟେରା ଦଳକୁ ପୋଲିସ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ବାଇକ, ଭୁଜାଲି ଓ ନଗଦ ୧ ହଜାର ଟଙ୍କା ଜବତ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଡବିଲ ଥାନା ଲସରଦା ଗ୍ରାମର ସତୀଶ ଆପଟ, ଜିତେନ ବାରିକ, ମଦନ ମହାକୁଡ ଓ ଦୀପକ ମହାକୁଡ। ସୂଚନା ଅନୁଯାୟୀ, ଦୀର୍ଘ ଦିନରୁ ଏହି ଥାନା ଅନ୍ତର୍ଗତ ଭଦ୍ରାସାହି- ରାଉରକେଲା ୫୨୦ ନମ୍ବର ଜାତୀୟ ରାଜପଥ ଓ ବଡବିଲ-ନାଲଦା ୧୦ ନମ୍ବର ରାଜ୍ୟ ରାଜପଥରେ ଟ୍ରକ ଅଟକାଇ ଲୁଟ ଘଟଣାରେ ଟ୍ରକ ଚାଳକ ଅତିଷ୍ଠ ହୋଇଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ବୁଧବାର ବିଳମ୍ବିତ ରାତିରେ ଟ୍ରକ ଅଟକାଇ ଲୁଟ ହେଉଥିବା ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ଲୁଟର ଶିକାର ହୋଇଥିବା ଜଣେ ଟ୍ରକ ଚାଳକଙ୍କ ଠାରୁ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲା ଓ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଏ ନେଇ ପୋଲିସ ବଡବିଲ ଥାନାରେ ଏକ ମାମଲା (ନଂ.୯୬/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗୁରୁବାର ସକାଳେ କାବୁ ହୋଇଥିବା ଅଭିଯୁକ୍ତଙ୍କୁ ପଚରା ଉଚରା ପରେ ପୋଲିସ ଏହି ଲୁଟ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥଲା। ଗୁରୁବାର ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।



## ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା



ସାତମାଇଲି, ୧୮।୪(ଡି.ଏନ.ଏ.)

ହିନ୍ଦୋଳ ବ୍ଲକ ସାତମାଇଲିସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ଭୂଗୋଳ (ସମ୍ମାନ) ବିଭାଗ ପକ୍ଷରୁ ୩ୟ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଜୟନ୍ତ କୁମାର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡକ୍ଟର ପ୍ରମୋଦ କୁମାର ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ସୁଶାନ୍ତ ପତି ଯୋଗ ଦେଇଥିଲେ। ବିଭାଗୀୟ ଆଟେଣ୍ଡାଣ୍ଟ ପ୍ରଦୀପ କୁମାର ଅତିଥି ପରିଚୟ ଓ ପ୍ରଦୀପ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଭାଜପା ଛାଡି ଶଙ୍ଖ ଧରିଲେ ଦିଲୀପ

ଅନୁଗୋଳ ଅଫିସ, ୧୮।୪

ଅନୁଗୋଳ ଜିଲା ବିଜେଡି କାର୍ଯ୍ୟାଳୟଠାରେ ଗୁରୁବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ଭାଜପାର ଅନୁଗୋଳ ବ୍ଲକ ପୂର୍ବତନ ସଭାପତି ତଥା କାଙ୍ଗୁଲା ପଞ୍ଚାୟତ ବେନ୍ତପୁର ଗ୍ରାମର ଦିଲୀପ କୁମାର ରଥ ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଅନୁଗୋଳ ଦାୟିତ୍ୱରେ ଆସିଥିବା ଦଳୀୟ ପର୍ଯ୍ୟବେକ୍ଷକ ରବି ନନ୍ଦ, ବିଧାୟକ ପ୍ରାର୍ଥୀ ରଜନୀକାନ୍ତ ସିଂଙ୍କ ସମେତ ଜିଲା ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ପଟ୍ଟନାୟକ, ଟାଉନ ସଭାପତି ମହେନ୍ଦ୍ର ବସ୍ତିଆ, ସତ୍ୟାନନ୍ଦ ଦଳବେହେରା, ସୁଜିତ ଦ୍ୱିବେଦୀ, ଆଦିତ୍ୟ ସାହୁ, ଅଜିତ ଦ୍ୱିବେଦୀ, ବୁନୁ ମହାପାତ୍ର, ସରୋଜ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ■ହିଙ୍ଗୁଳା ଦର୍ଶନ କରି ଫେରିବା ବେଳେ ଦୁର୍ଘଟଣା

## ବାଇକ୍-କାର୍ ଧକ୍କା, ୨ ଗୁରୁତର

ଅନୁଗୋଳ ଅଫିସ, ୧୮।୪

ଅନୁଗୋଳ ସହର ଉପକଣ୍ଠ ଆମ୍ବପାଳ ନଡ଼ାଠାରେ ଗୁରୁବାର ଅପରାହ୍ନରେ ଏକ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣ ଗୁରୁତର ହୋଇଥିବା ଜଣାପଡିଛି। ସେମାନଙ୍କ ପରିଚୟ ମିଳିପାରି ନାହିଁ। ଏଥିସହ କାର୍‌ରେ ଥିବା ଅନ୍ୟ ୩ ଜଣ ମହିଳା, ୨ ଶିଶୁ ଓ ଡ୍ରାଇଭର ଆହତ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି।

ଘଟଣାରୁ ଜଣାପଡିଛି, କଟକ ଆଠଗଡ ଅଞ୍ଚଳରୁ ଏକ କାର୍(ଓଡି-୩୩-ଏଲ୍-୮୨୫୧)ରେ ୩ ଜଣ ମହିଳା ୨ ଶିଶୁଙ୍କ ସହ ତାଳଚେରକୁ ମା' ହିଙ୍ଗୁଳାଙ୍କ ଦର୍ଶନ ପାଇଁ ଆସିଥିଲେ। ସେମାନେ ଫେରିବାବେଳେ ଆମ୍ବପାଳ ନଡ଼ା ନିକଟରେ ଅନୁଗୋଳ ପଟୁ ଯାଉଥିବା ଦ୍ରୁତଗାମୀ ବାଇକ (ନଂ. ଓଡି-୧୯-ଜେ-୯୪୮୬) କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ପିଟି ହେବା ପରେ ବାଇକ୍‌ଟି ପ୍ରାୟ ଶହେ ମିଟର ଦୂରରେ ଛିଟିକି ପଡିଥିଲା। ପରିଚୟ ମିଳି ନ ଥିଲେ ବି ସେମାନେ ଅନୁଗୋଳ କାଙ୍ଗୁଲା ଅଞ୍ଚଳର ବୋଲି ଜଣାପଡିଛି। ସ୍ଥାନୀୟ ଲୋକେ ଓ ପଥଚାରୀ ସେମାନଙ୍କ ଅନୁଗୋଳ ମେଡିକାଲ ପଠାଇଥିଲେ। ସେଠାରୁ ଜଣକୁ କଟକ ପଠାଯାଇଥିବା ବେଳେ ଅନ୍ୟଜଣେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଶୁକ୍ରବାର ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରାଯିବ ବୋଲି ପୋଲିସ କହିଛି।






## ନାସାରେ ବାଲେଶ୍ୱର ଛାତ୍ରୀଙ୍କ କୃତିତ୍ୱ

ବାଲେଶ୍ୱର ଅଫିସ, ୧୮।୪

ବାଲେଶ୍ୱର ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସିନିୟର ସେକେଣ୍ଡାରୀ ସ୍କୁଲର ୧୩ଜଣ ଛାତ୍ରୀଛାତ୍ର ୟୁଏସ୍ଏ ଓରଲାଣ୍ଡସ୍ଥିତ ନ୍ୟାଶନାଲ ଏରୋନେଟିକ୍ ଆଣ୍ଡ ସ୍ପେଶ୍ ଆଡ଼ମିନିଷ୍ଟ୍ରେଶନ (ନାସା) ସେଣ୍ଟରରେ ଆୟୋଜିତ ଅନ୍ତର୍ଜାତୀୟ ଅନ୍ତରୀକ୍ଷ ବିଜ୍ଞାନ ସମ୍ମିଳନୀରେ ଯୋଗଦେଇଥିଲେ। ନବମ ଶ୍ରେଣୀ ଛାତ୍ରୀ ଅନୁଷ୍କା ରାୟ ଏହି ସମ୍ମିଳନୀରେ ୪ ଜଣିଆ ବିଜୟୀ ଟିମ୍‌ରେ ନିଜର କୃତିତ୍ୱ ପ୍ରତିପାଦନ କରିଛନ୍ତି। ଏହି ଅବସରରେ ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ସ୍କଲାରଶିପ ପାଇବା ପାଇଁ ଯୋଗ୍ୟତା ଅର୍ଜନ କରିଥିବାର ଜଣାପଡ଼ିଛି। ଏହି କୃତିତ୍ୱ ପରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ରାଜ୍ୟ ତଥା ବାଲେଶ୍ୱର ପାଇଁ ଗୌରବର ବିଷୟ ବୋଲି ବିଦ୍ୟାଳୟ ଅଧ୍ୟକ୍ଷା ଡ. ସିଷ୍ଟର କ୍ରିପା କହିଛନ୍ତି।

ଗତ ଏପ୍ରିଲ ୧୩, ୧୪ ଓ ୧୫ରେ ଆୟୋଜିତ ଅନ୍ତର୍ଜାତୀୟ ଅନ୍ତରୀକ୍ଷ ବିଜ୍ଞାନ ସମ୍ମିଳନୀରେ ଛାତ୍ରୀଛାତ୍ରମାନେ ଯୋଗଦେଇ ନାସା ପରିଦର୍ଶନ କରିଥିଲେ। ପରିଦର୍ଶନ ବେଳେ ଛାତ୍ରୀଛାତ୍ରମାନେ ମହାକାଶଚାରୀ ଡ. ୱିନସଟନ ସ୍କଟ, ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ନିର୍ଦ୍ଦେଶକ ଡ. ନାଥାଲିୟନ ମିଲର ଓ ଅନ୍ୟ ବୈଜ୍ଞାନିକଙ୍କୁ ଭେଟିବାର ସୁଯୋଗ ପାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସର୍ବଭାରତୀୟସ୍ତରୀୟ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏହି ସମ୍ମିଳନୀରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଲେ। ଛାତ୍ରୀ ଦୀକ୍ଷା ଗୁପ୍ତା ଉକ୍ତ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।



ନାସାରେ ବାଲେଶ୍ୱର ଛାତ୍ରୀ ଅନୁଷ୍କା ରାୟ।

ଫ୍ଲୋରିଡ଼ା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ସ୍କଲାରଶିପ୍ ପାଇଁ ଯୋଗ୍ୟ ବିବେଚିତ

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ

ବସ୍ତା,୧୮।୪(ସ୍ୱ.ପ୍ର):

ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର ଲାଗି ପ୍ରଧାନମନ୍ତ୍ରୀଙ୍କ ଆସନ୍ତା ୨୩ରେ ବାଲେଶ୍ୱର ଜିଲା ଗସ୍ତରେ ଆସି ବସ୍ତାରେ ନିର୍ବାଚନମଣ୍ଡଳୀରେ ଉଦ୍‌ବୋଧନ ଦେବେ। ଏନେଇ ଜିଲା ପ୍ରଶାସନ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ସକାଳେ ଜିଲାପାଳ ରମେଶ ଚନ୍ଦ୍ର ରାଉତ, ଏସ୍‌ପି ବି. ଯୁଗଳ କିଶୋର କୁମାର, ବସ୍ତା ଏସ୍‌ଡିପିଓ ରଣଜିତ ପୃଷ୍ଟି, ଆଇଆଇସି ଧନେଶ୍ୱର ସାହୁଙ୍କ ସମେତ ଅନ୍ୟ ପଦାଧିକାରୀ, ଭାଜପା ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ପ୍ରତାପ ସଭାସ୍ଥଳ ବୁଲି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି।

## ଚେକ୍ ବାଉନ୍ସ ମାମଲା: ଅଭିଯୁକ୍ତଙ୍କୁ ବର୍ଷେ ଜେଲ

ବାରିପଦା ଅଫିସ,୧୮।୪

ସାଢ଼େ ୩ ଲକ୍ଷ ଜରିମାନା

ବାରିପଦା ଅତିରିକ୍ତ ଦେୱାନୀ ଅଦାଲତର ବିଚାରପତି ସୁଶିଲ କୁମାର ସାହୁ ଗୁରୁବାର ଏକ ଚେକ୍ ବାଉନ୍ସ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ସାଢେ ୩ଲକ୍ଷ ଟଙ୍କାର ଜରିମାନା ଦେବାକୁ ରାୟ ଶୁଣାଇଛନ୍ତି। ମକଦ୍ଦମା ବିବରଣୀ ଅନୁଯାୟୀ, ବାରିପଦା ସହର ଭୁଗୁଡାକଟା ଅଞ୍ଚଳର ଅରୁଣ କୁମାର କାନୁନଗୋଙ୍କୁ ଏକ ଜାଗା ବିକ୍ରୟ ପାଇଁ ବାରିପଦା ସହର ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର କାଳୀକିଙ୍କର ଘୋଷ ୨୦୧୪ ଓ ୨୦୧୫ରେ ମୋଟ ୩ ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ପରେ ସେ ଜାଗା ବିକ୍ରି କରି ନ ଥିଲେ। ପରେ ଅରୁଣ ତାଙ୍କୁ ଟଙ୍କା ଫେରାଇବାକୁ କହିବାରୁ ସେ ୨୦୧୬ରେ ଏକ ଘରୋଇ ବ୍ୟାଙ୍କର ଚେକ ଦେଇଥିଲେ । ବ୍ୟାଙ୍କରେ ଏହି ଚେକ ବାଉନ୍ସ ହେବାରୁ ଅରୁଣ ଏ ନେଇ କାଳୀକିଙ୍କରଙ୍କ ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀ ଅରୁଣଙ୍କ ପକ୍ଷରୁ ଆଇନଜୀବୀ ଅସିତ କୁମାର ମହାନ୍ତି ଓ ସଚ୍ଚିଦାନନ୍ଦ ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

## ଫଟୋରେ ଖବର



ଅନୁଗୋଳ ବନ୍ତଳାଠାରେ ନବୀନ ପଟ୍ଟନାୟକଙ୍କ ହେଲିକପ୍ଟର ଅବତରଣ କରୁଛି।



ଅନୁଗୋଳ ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।



ମୁଖ୍ୟମନ୍ତ୍ରୀଙ୍କ ସଭାରେ ବିଜେଡି କର୍ମୀଙ୍କ ପ୍ରବଳ ଭିଡ଼।



ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବଳୟ ଭିତରକୁ ପଶିଯାଇଥିବା ଯୁବକଙ୍କୁ ପୋଲିସ ଧରି ନେଉଛି। (ଫଟୋ-ବୁବୁ)

## ସଂକ୍ଷେପରେ

### ଅଖଣ୍ଡ ନାମଯଜ୍ଞ

କେନ୍ଦୁଝର, ୧୮।୪(ସ୍ୱ.ପ୍ର.): ସଦର ବ୍ଲକ ଜମୁଡିହା ଗ୍ରାମରେ ପ୍ରତି ବର୍ଷ ଭଳି ଅଖଣ୍ଡ ନାମଯଜ୍ଞ ବୁଧବାର ଆରମ୍ଭ ହୋଇ ସକାଳ ୬ଟାରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନେକ ଶ୍ରଦ୍ଧାଳୁ ସାମିଲ ହୋଇଥିବାବେଳେ ଶଙ୍ଖ, ହୁଳହୁଳି ଓ ଘଣ୍ଟ ବାଦନରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ଏହି ନାମଯଜ୍ଞ ଆସନ୍ତା ୨୦ ତାରିଖରେ ଉଦ୍‌ଯାପିତ ହେବା। ଏହି କାର୍ଯ୍ୟକ୍ରମରେ ରାଜନଗରର ଲୁଙ୍ଗା, ଝୁମ୍ପୁରା, ପାଟଣାର ମିରିଗିଖୋଜ, କାଦୁଆଲ ବନ୍ଧ, ହରିପୁର ଆଦି ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି। ଶିରପାଣି, ରାଘବ, ଦୁର୍ଯ୍ୟୋଧନ, ଅପର୍ତ୍ତି, ଧ୍ରୁବ, ନରୋତ୍ତମ, ବାବୁଲୁ, ସୁଶୀଲ, ସୁଶାନ୍ତଙ୍କ ସମେତ ବହୁ ବ୍ୟକ୍ତି ଯୋଗ ଦେଇ ସହଯୋଗ କରିଛନ୍ତି।

### ତାରିଣୀ ମନ୍ଦିରର ବାର୍ଷିକ ଉତ୍ସବ

ହାଟଡିହୀ, ୧୮।୪(ସ୍ୱ.ପ୍ର.): ହାଟଡିହୀ ବ୍ଲକ ଅନ୍ତର୍ଗତ ତହସିଲ ଛକ ନିକଟରେ ଥିବା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀଙ୍କ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ଦିନ ତମାମ ଠାକୁରାଣୀ ଦର୍ଶନ ସହିତ ପୂଜା ଅର୍ଚ୍ଚନା କରୁଥିବାର ଦେଖାଯାଇଥିଲା । ମନ୍ତ୍ର ପାଠ, ହୋମ ଯଜ୍ଞ ,ଭଜନ କୀର୍ତ୍ତନରେ ଫାଟିପଡୁଥିଲା ଆଧାତ୍ମିକ ପରିବେଶ । ସୁଦୃଶ୍ୟ ତୋରଣ ସାଙ୍ଗକୁ ଆଲୋକ ମାଳାରେ ଝଲସି ଉଠୁଥିଲା ମନ୍ଦିର ବେଢା । ମନ୍ଦିର କମିଟି ତରଫରୁ ଭକ୍ତ ମାନଙ୍କ ପାଇଁ ଥଣ୍ଡା ପାନୀୟ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଘନଶ୍ଯାମ ପହି, ସୁରେନ୍ଦ୍ର ବାରିକ, ସୁଦାମ ନାୟକ, କାମପାଳ ନାୟକ, ବୁଦ୍ଧଦେବ ଜେନା ପ୍ରମୁଖ କମିଟି କାର୍ଯ୍ୟକର୍ତ୍ତା ଉତ୍ସବକୁ ପରିଚାଳନା କରିଥିଲେ ।

### ବିଦାୟକାଳୀନ ଉତ୍ସବ

ଆନନ୍ଦପୁର,୧୮। ୪(ସ୍ୱ.ପ୍ର.): ଫକୀରପୁର ଠାରେ ଥିବା ଆନନ୍ଦପୁର ବିଇଡି କଲେଜରେ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଲେଜର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ସମ୍ମାନ ଜଣାଇ ବିଦାୟକାଳୀନ ଉତ୍ସବ ପାଳନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡଃ ଶ୍ରୀକାନ୍ତ ପାଇକରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନେ ସେମାନଙ୍କର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କ ସହିତ ରହିଥିବା ସ୍ମୃତି ସମ୍ପର୍କରେ ଆଲୋଚନା କରିଥିଲେ। ଉପସ୍ଥିତ ଶିକ୍ଷକମାନେ ବିଦାୟୀ ଛାତ୍ରୀଛାତ୍ରମାନେ ଜଣେ ଜଣେ ଆଦର୍ଶ ଶିକ୍ଷକ ତଥା ସୁନାଗରିକ ହେବାପାଇଁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେ ଡଃ ଦିଲ୍ଲୀପ କୁମାର କୁମ୍ଭାର, ଡଃ ମନୋଜ କୁମାର ପ୍ରଧାନ, ଡଃ କାମିନୀ କାଜଲ ରାମ ପ୍ରମୁଖ ଉପସ୍ଥିତ ଥିବାବେଳେ ଦ୍ୱିତୀୟ ବର୍ଷର ବିଶ୍ୱରଞ୍ଜନ ଚିନରା, ସଞ୍ଜୟ ମାଝୀ, ରାଜଗୋପାଳ ଯାଦବ, ଅର୍ଚ୍ଚନା ଷେଣ୍ଡ, ମୌସୁମୀ ମହାନ୍ତିଙ୍କ ସମେତ ବହୁ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ପିସିସି ସଭାପତି ନିରଞ୍ଜନଙ୍କ ନିର୍ବାଚନ ପ୍ରଚାର



ତେଲକୋଇ, ୧୮।୪(ଡି.ଏନ.ଏ.): ତେଲକୋଇ ବ୍ଲକ ଖୁଣ୍ଟାପଡା ପଞ୍ଚାୟତର କନ୍ତଲେଇ ଖେଳ ପଡିଆରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ବାଚନୀ ସଭା ଅପରାହ୍ନ ୩ଟାରେ ଅନୁଷ୍ଠିତ ହୋଇଯାଇଛି । ଏହି ନିର୍ବାଚନୀ ସଭାରେ ପିସିସି ସଭାପତିଙ୍କ ସହିତ ଏମ.ପି ପ୍ରାର୍ଥୀ ମୋହନ ହେମ୍ବ୍ରମ ଓ ତେଲକୋଇ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଦଳେଇ ଉପସ୍ଥିତ ଥିଲେ। ନିରଞ୍ଜନଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଓ ରାଜ୍ୟ ବିଜେଡି ସରକାରଙ୍କ ସଲାସୁତରାରେ ଚାଲିଥିବା ଯୋଗୁଁ ଗରିବ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଂଗ୍ରେସ ସରକାର ଆସିଲେ ଚାଷୀଙ୍କ ପାଇଁ ଋଣ ଛାଡ ସହିତ ବିଭିନ୍ନ ଯୋଜନା ଯଥା ପେନସନକୁ ଗୁରୁତ୍ୱ ଦେବା କହିଥିଲେ । ସେହିପରି ଏମପି ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀ ଏହି ଆଦିବାସୀ ବହୁଳ ଅଞ୍ଚଳ ପାଇଁ ସେବା କରିବାର କଂଗ୍ରେସ ଟିକେଟ ପାଇବାକୁ ନେଇ କୃତଜ୍ଞତା ଦେବା ସହିତ ଆଗାମୀ ଦିନରେ ହାତ ଚିହ୍ନରେ ବିପୁଳ ପରିମାଣରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ସଭାରେ ବ୍ଲକ ସଭାପତି ସାରଙ୍ଗଧର ପ୍ରଧାନଙ୍କ ସମେତ ଆଇନଜୀବୀ ନାରାୟଣ ପ୍ରଧାନ, ଦିଲୀପ କୁମାର ସାହୁ, ଅନ୍ତର୍ଯ୍ୟାମୀ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସଭାପତି ସଂଗଠକ ଯୋଗ ଦେଇଥିଲେ ।

# କ୍ଷମତାକୁ ଆସିଲେ ଭାଜପା ନିଯୁକ୍ତି ସୁଯୋଗ ବଢାଇବ

ଆନନ୍ଦପୁର,୧୮।୪(ସ୍ୱ.ପ୍ର.)



ସଭାକାର୍ଯ୍ୟରେ ବିଳମ୍ବ ଯୋଗୁ ଅଧିକାଂଶ ଚେୟାର୍ ଖାଲିପଡ଼ିଛି।

- କେନ୍ଦ୍ର ମନ୍ତ୍ରୀ ନିତୀନ ଗଡ଼କାରୀଙ୍କ ନିର୍ବାଚନ ପ୍ରଚାର
- ସଭା ଆରମ୍ଭରେ ବିଳମ୍ବ ଯୋଗୁ ଖାଲିପଡ଼ିଲା ଚେୟାର

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଗୁରୁବାର କେନ୍ଦୁଝର ଜିଲା ଗସ୍ତରେ ଆସି ଆନନ୍ଦପୁର ଓ ଘସିପୁରା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଏବଂ କେନ୍ଦୁଝର ଏମ୍‌ପି ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାର କରିଛନ୍ତି। ସେ କେନ୍ଦ୍ରୀୟ ଯୋଜନା ରୂପାୟନରେ ରାଜ୍ୟରେ ବିଜେଡି ସରକାର ଅସହଯୋଗ କରୁଥିବା ଅଭିଯୋଗ କରିବା ସହ କଂଗ୍ରେସକୁ ଟାର୍ଗେଟ କରି ବକ୍ତବ୍ୟ ରଖିଥିଲେ। ଶାଳପଡା ପଡିଆଠାରେ ଅନୁଷ୍ଠିତ ସଭାରେ କେନ୍ଦ୍ର ମନ୍ତ୍ରୀ ଗଡକରୀ ଭାଜପା ଉଭୟ ରାଜ୍ୟ ଓ କେନ୍ଦ୍ରରେ କ୍ଷମତାକୁ ଆସିଲେ ଶିଳ୍ପାୟନ ଜରିଆରେ ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବ ବୋଲି କହିଥିଲେ।

ଏକ ନିର୍ବାଚନୀ ସଭାରେ ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ଉପସଭାପତି ମହେଶ୍ୱର ସାହ ସଭାପତିତ୍ୱ କରିଥିଲେ। ଭାଜପା ଜିଲା ସଭାପତି ରାଧା ମହାନ୍ତ, ପୂର୍ବତନ ବିଧାୟକ ରାଧାକାନ୍ତ ସ୍ୱାଇଁ, ପୂର୍ବତନ ଆନନ୍ଦପୁର ପୌରାଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଜିଲା ଭାଜପା ଉପସଭାପତି ଗୋଲଖି ଯେନା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁମତୀ ଯେନା, ସମ୍ପାଦିକା ଅସୀମା ମିଶ୍ର, ରାଜ୍ୟ ଭାଜପା ସମ୍ପାଦିକା ରଶ୍ମିରେଖା ଦାସ, ହେମନ୍ତ ମଲ୍ଲିକ, ଟୁକୁନା ମହାନ୍ତ, ବିଚିତ୍ର ଚକ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ ଭାଜପା ନେତାମାନେ ପରିବର୍ତ୍ତନର ପ୍ରସଙ୍ଗ ଉଠାଇ ରାଜ୍ୟରେ ବିଜେଡି ସରକାରଙ୍କୁ ବଦଳାଇବା ସକାଶେ ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। ଘସିପୁରା ଭାଜପା ବିଧାୟକ ପ୍ରାର୍ଥୀ ପୃଥ୍ୱୀରାଜ କୁଅଁର କଂଗ୍ରେସ ଓ ବିଜେଡିକୁ ପ୍ରତ୍ୟାଖ୍ୟାନ କରି ଦେଶରେ ଡବଲ ଇଞ୍ଜିନ୍ ସରକାର ଚଳାଇବା ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ। କେନ୍ଦୁଝର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଆନନ୍ଦପୁର ଓ ଘସିପୁରାର ଭାଜପା ବିଧାୟକ ପ୍ରାର୍ଥୀମାନଙ୍କୁ ଭୋଟ ଦେବା ଲାଗି ନିବେଦନ କରିବା ସହ ନିଜ ପାଇଁ ଭୋଟ ଭିକ୍ଷା କରିଥିଲେ।

ମଧାହ୍ନ ୧୨ ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନୀ ସାଧାରଣ ସଭାରେ କେନ୍ଦ୍ରମନ୍ତ୍ରୀ ଗଡକରୀଙ୍କୁ ଦେଖିବା ପାଇଁ ଲୋକଙ୍କ ସମାଗମ ହୋଇଥିଲା। ହେଲେ ମନ୍ତ୍ରୀ ଗଡକରୀ ବହୁ ବିଳମ୍ବରେ ଆସି ଅପରାହ୍ନ ସାଢେ ୩ଟାବେଳେ ନିର୍ବାଚନୀ ସଭାରେ ପହଞ୍ଚିଥିଲେ। ସେତେବେଳକୁ ଅନେକ ଲୋକ ଅସନ୍ତୋଷ ପ୍ରକାଶ କରି ସିଟ୍ ଛାଡି ପଳାଇଯାଇଥିଲେ। ଏଣୁ କେନ୍ଦ୍ର ମନ୍ତ୍ରୀ ଅଳ୍ପ କେଇମିନିଟ୍ ଭାଷଣ ଦେଇ ବକ୍ତବ୍ୟ ଶେଷ କରିଥିଲେ। ବିଳମ୍ବରେ ସଭା କାର୍ଯ୍ୟ ଆରମ୍ଭ ହେବା ଏବଂ ସଭାରେ ରାଜ୍ୟ ଭାଜପାର ଜଣେ ସମ୍ପାଦିକା ତାଙ୍କ ଭାଷଣରେ ଦଳର ପ୍ରାର୍ଥୀଙ୍କ ନାମ କହିବାବେଳେ ତ୍ରୁଟି କରିବା ଦଳୀୟ କର୍ମୀ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ସେ ଭାଜପା ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ପରିବର୍ତ୍ତେ ଭାଜପା ଛାଡି ବିଜେଡିରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଭାଗୀରଥି ସେଠୀଙ୍କ ନାମ ଭୁଲବଶତଃ ଉଚ୍ଚାରଣ କରିଥିଲେ, ଯାହାକୁ ନେଇସଭାରେ ଗୁଞ୍ଜରଣ ପ୍ରକାଶ ପାଇଥିଲା।

## ୩ୟ ପର୍ଯ୍ୟାୟ ନିର୍ବାଚନ ପ୍ରସ୍ତୁତି

କେନ୍ଦୁଝର, ୧୮।୪ (ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଆସନ୍ତା ୨୩ରେ ହେବାକୁ ଯାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଚଳିତ ନିର୍ବାଚନରେ ସମୁଦାୟ ୧୨ ଲକ୍ଷ ୯୩ ହଜାର ୭୫୯ ଜଣ ଭୋଟର ଜିଲାର ୬ ଟି ନିର୍ବାଚନ ମଣ୍ଡଳୀର ସମୁଦାୟ ୧୭୨୦ ଭୋଟ ଗ୍ରହଣ କେନ୍ଦ୍ରରେ ସେମାନଙ୍କ ମତ ସାବ୍ୟସ୍ତ କରିବେ । ସେଥିରୁ ପ୍ରଥମ ଥର ପାଇଁ ଭୋଟ ଦେବାକୁ ଥିବା ୧୮-୧୯ ବର୍ଷ ବୟସ୍କ ଯୁବକ ଙ୍କ ସଂଖ୍ୟା ୨୨ ହଜାର ୯୬୧ ଥିବା ବେଳେ ୨୦ରୁ୨୧ ବର୍ଷର ଭୋଟରଙ୍କ ସଂଖ୍ୟା ୩ ଲକ୍ଷ ୨ ହଜାର ୧୮୦ ରହିଥିବା ଜଣାପଡିଛି। ୬୦-୬୯ ବର୍ଷ ବୟସ୍କ ବରିଷ୍ଠ ନାଗରିକଙ୍କ ସଂଖ୍ୟା ୪୬ ହଜାର ୫୩୬ ଜଣ ରହିଥିବା ବେଳେ ୮୦ ବର୍ଷ ରୁ ଉର୍ଦ୍ଧ୍ୱ ବରିଷ୍ଠ ଭୋଟରଙ୍କ ସଂଖ୍ୟା ୧୭ ହଜାର ୪୧୬ ଥିବା ଜଣାପଡିଛି । ସେଥିରୁ ପୁରୁଷ ଭୋଟରଙ୍କ ସଂଖ୍ୟା ୬ ଲକ୍ଷ ୫୩ ହଜାର ୩୨୯ ଜଣ ରହିଥିବା ବେଳେ ମହିଳା ଭୋଟର ଙ୍କ ସଂଖ୍ୟା ୬ ଲକ୍ଷ ୪୦ ହଜାର ୨୯୯ ରହିଛି । ଅନ୍ୟ ଭୋଟରଙ୍କ ସଂଖ୍ୟା ୧୩୧ ରହିଛି । ନିର୍ବାଚନରେ ସମୁଦାୟ ୨୨୮୯ ଗାଡ଼ିର ଆବଶ୍ୟକତା ଥିବା ବେଳେ ପ୍ରଶାସନ ୬୭୩୦ ଗାଡି ଚିହ୍ନଟ କରିଛି । ଇଭିଏମ ମେଶିନ ବ୍ୟବହାର ହେଉଥିବାରୁ ନେବା ଆଣିବାରେ ସୁବିଧା ଦୃଷ୍ଟିରୁ କମ ସଂଖ୍ୟାରେ ଟ୍ରକ ବ୍ୟବହାର ହେବ ବୋଲି ଜଣାପଡିଛି ।

## ବିଦ୍ୟାଳୟରେ ଅଟଳ ଟିଙ୍କରିଂ ଲ୍ୟାବ୍ ଉଦ୍‌ଘାଟିତ



ଲ୍ୟାବ୍ ଉଦ୍‌ଘାଟନରେ ଉପସ୍ଥିତ ଶିକ୍ଷକବୃନ୍ଦ।

କେନ୍ଦୁଝର, ୧୮।୪(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ନୀତି ଆୟୋଗ, ଭାରତ ସରକାରଙ୍କ ଅଟଳ ଟିଙ୍କରିଂ ଲ୍ୟାବ୍ ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଲ୍ୟାବକୁ ବିଦ୍ୟାଭାରତୀ ସହସଂଗଠନ ମନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଉତ୍ତର ସମ୍ଭାଗ ସଭାପତି ସତ୍ୟନାରାୟଣ ମହାପାତ୍ର,ସ ମ୍ଭାଗ ସଂଯୋଜକ ସୁକାନ୍ତ କୁମାର ବେହେରା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ନଗର ସଂଘ ଚାଳକ କୈଳାଶ ଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର, ଉପସଭାପତି ଇଂ ହରମୋହନ ପଟ୍ଟନାୟକ, ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅଟଳ ଟିଙ୍କରିଂ ଲ୍ୟାବ୍ ଦ୍ୱାରା ପିଲାମାନେ ଅତ୍ୟାଧୁନିକ ଯୁଗରେ କିପରି ବିଜ୍ଞାନର ପ୍ରୟୋଗ ହୋଇପାରିବ ତାହା ଏହି କ୍ଷେତ୍ରରେ ସାହାଯ୍ୟ କରିବ। ଉକ୍ତ ଲ୍ୟାବ୍‌ର ସହଯୋଗୀ ଆଚାର୍ଯ୍ୟ ମନୋରଞ୍ଜନ ପରିଡା ଓ ଆଚାର୍ଯ୍ୟା ବିଶ୍ୱବନ୍ଦିତା ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଗୁରୁମାଗୁରୁଜୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

## ପାଣି ପାଇପ୍ ଚୋରି ଘଟଣା: ଜଣେ ଗିରଫ

ଯୋଡ଼ା, ୧୮।୪(ଡି.ଏନ.ଏ.)



ଗିରଫ ଅଭିଯୁକ୍ତ।

ଯୋଡା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଦାମପୁର ଗ୍ରାମରେ ଗତ ୧୫ ତାରିଖ ସୋମବାର ଭୋର ସମୟରେ ଗ୍ରାମୀଣ ଜଳ ଯୋଗାଣ ସଂସ୍ଥା ଦ୍ୱାରା ପାଣି ଯୋଗାଣ ପାଇଁ ରଖାଯାଇଥିବା ପାଇପଗୁଡିକୁ ଚୋରି ଉଦ୍ୟମ କରୁଥିବା ବେଳେ ପୋଲିସ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ବିହାର ରାଜ୍ୟ ବୈଶାଳୀ ଜିଲା ଦାଉତରସଲାପୁର ଗ୍ରାମର ଧର୍ମେନ୍ଦ୍ର ସାହାଣୀ । ପୋଲିସ ସୂଚନାନୁଯାୟୀ, ଅଭିଯୁକ୍ତ ଧର୍ମେନ୍ଦ୍ର ଜଣେ ଟ୍ରକ ଡ୍ରାଇଭର । ଧର୍ମେନ୍ଦ୍ର ଚଳାଉଥିବା ଟ୍ରକ (ଡବ୍ଲ୍ୟୁବି-୧୧ବି-୭୯୯୧)ରେ ଦୁର୍ବୃତ୍ତମାନେ ଦାମପୁରରେ ରଖାଯାଇଥିବା ୧୭୫ଟି ବଡ ପାଣି ପାଇପଗୁଡିକୁ ଲୋଡ କରି ନେଇ ଯାଉଥିବା ବେଳେ ଗ୍ରାମବାସୀ ଗାଡିକୁ ଅଟକାଇଥିଲେ । ଫଳରେ ଦୁର୍ବୃତ୍ତମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ । ଗ୍ରାମବାସୀଙ୍କ ସୂଚନାକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଟ୍ରକଟିକୁ ଜବତ କରିଥିଲା । ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ବେଳେ ବୁଧବାର କଣ୍ଡରା ପେଟ୍ରୋଲ ପମ୍ପ ନିକଟରୁ ଧର୍ମେନ୍ଦ୍ର ସାହାଣୀଙ୍କୁ ଗିରଫ କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ପ୍ରଚାର କାର୍ଯ୍ୟ ଲାଗି ବଢୁଛି ଶବ୍ଦ ପ୍ରଦୂଷଣ

କେନ୍ଦୁଝର, ୧୮।୪ (ସ୍ୱ.ପ୍ର.)

ନିର୍ବାଚନ ପାଇଁ ସବୁ ଦଳ ପକ୍ଷରୁ ପ୍ରଚାର ଜୋରଦାର ଆରମ୍ଭ ହୋଇଯାଇଛି । ଏଥିପାଇଁ ଡିଜେ, ମାଇକ ଆଦି ବଜାଇ ପ୍ରାର୍ଥୀ ମାନେ ଭେଳିକି ଭେଳିକି ଦଳୀୟ ଗୀତ ବଜାଇ ସାହି ସାହି ବସ୍ତି ବସ୍ତି ବୁଲୁଛନ୍ତି। ତେବେ ଏହା ଦ୍ୱାରା ସୃଷ୍ଟି ହେଉଥିବା ଶବ୍ଦ ପ୍ରଦୂଷଣ ପ୍ରତି କାହାରି ନିଘା ନାହିଁ । ପୋଲିସ ବିଭାଗ ନିର୍ଦ୍ଧାରିତ ଶବ୍ଦ ଠାରୁ ଅଧିକ ଓ ଉତ୍କଟ ଶବ୍ଦ ପ୍ରଦୂଷଣ କରୁଥିବା ନିର୍ବାଚନୀ ଗାଡି ଉପରେ କଟକଣା ଲଗାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି । ଏଣୁ ଏସବୁ ଉପରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ■ ପିଲେଟ୍ ଚୋରି ମାମଲା
## ଆଉ ଜଣେ ଅଭିଯୁକ୍ତ ଗିରଫ

ଯୋଡ଼ା, ୧୮।୪(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ଦେଓଝର ଏକ କାରଖାନାରୁ ଆଇରନ ପିଲେଟ ଚୋରି ମାମଲାରେ ପୋଲିସ ରବିବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ଦଡୁଆଁ ଗ୍ରାମର ଅଜିତ କୁମାର ମହାକୁଡ। ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଗତ ଜାନୁୟାରୀ ମାସ ୮ ତାରିଖରେ ଦେଓଝରସ୍ଥିତ ଏକ କାରଖାନାରୁ ପର୍ଜନପୁର ରେଳ ସାଇଡିଂକୁ ଗୋଟିଏ ଟ୍ରକରେ ଆଇରନ ପିଲେଟ ବୋଝେଇ ହୋଇ ରଖାଯାଇଥିବା ବେଳେ ଉକ୍ତ ଟ୍ରକରୁ ଆଇରନ ପିଲେଟ ଚୋରି ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରି ପୂର୍ବରୁ ଏଥିରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା ତେବେ ଏହି ମାମଲାରେ ଫେରାର ଥିବା ଅଭିଯୁକ୍ତ ଅଜିତ ମହାକୁଡଙ୍କୁ ପୋଲିସ ରବିବାର ଗିରଫ କରିଥିବା ବିଲେଇପଦା ଫାଣ୍ଡି ଅଧିକାରୀ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

## ଜଗନ୍ନାଥଙ୍କ ପାଇଁ ପ୍ରଚାର କଲେ ସନାତନ

ପାଟଣା,୧୮।୪(ସ୍ୱ.ପ୍ର.)



ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ପ୍ରଚାର କରୁଛନ୍ତି।

କେନ୍ଦୁଝର ଜିଲା ପାଟଣା ନିର୍ବାଚନ ମଣ୍ଡଳୀର ଟାଙ୍ଗରପଡା ଆମ୍ବ ତୋଟା ଠାରେ ଗୁରୁବାର ଚମ୍ପୁଆ ବିଧାୟକ ତଥା ମା' ଜଗତଜନନୀ ଟ୍ରଷ୍ଟର ସଭାପତି ସନାତନ ମହାକୁଡ଼ ଉପସ୍ଥିତ ରହି ପାଟଣା ବିଜେଡି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କୁ ଭୋଟ ଦେଇ ଜିତାଇବାକୁ ତାଙ୍କ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଉଭୟ ସନାତନଙ୍କ କର୍ମୀ ଓ ବିଜେଡି ର କର୍ମୀଙ୍କ ମିଳିତ ସଭାକୁ ସନାତନ ଓ ଜଗନ୍ନାଥ ସମ୍ବୋଧିତ କରିଥିଲେ। ଉଭୟଙ୍କୁ ମିଳିତ ଭାବେ ବିଜେଡି ପାଇଁ ନିର୍ବାଚନ ପ୍ରଚାର କରୁଥିବାର ଦେଖିବାକୁ ମିଳିଥିଲା।ଏହି ସଭାରେ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଆଗାମୀ ନିର୍ବାଚନରେ ବିଜୟୀ କରିବା ଲାଗି ଉପସ୍ଥିତ ଜନସାଧାରଣଙ୍କୁ ସନାତନ ନିବେଦନ କରିଥିଲେ। ସମସ୍ତଙ୍କ ଘରେ ପାନୀୟ ଜଳର ସୁବିଧା, ଜିଲାରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ଓ କେନ୍ଦୁଝରରେ ମେଡିକାଲ କଲଜ ପ୍ରତିଷ୍ଠା ଆମର ମୂଳ ଲକ୍ଷ୍ୟ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜିବ ବେହେରା, ପାଟଣା ବ୍ଲକ ବିଜେଡି ଉପସଭାପତି ନବକିଶୋର ପୃଷ୍ଟି ଓ ଶିବ ପ୍ରସାଦ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମୀ ସମ୍ମିଳନୀରେ ୧ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

## ବିଜେଡି ପ୍ରାର୍ଥୀଙ୍କ ରୋଡ ଶୋ, ବାଇକ ରାଲି

ଚମ୍ପୁଆ, ୧୮।୪ (ଡି.ଏନ.ଏ.)

ଚମ୍ପୁଆ ସହରରେ ଆଜି ବିଜେଡି ପ୍ରାର୍ଥୀ ମିନାକ୍ଷୀ ମହାନ୍ତ ଜୋରଦାର ପ୍ରଚାର କରିଛନ୍ତି। ରୋଡ ଶୋ ସହିତ ବାଇକ ରାଲିରେ ମିନାକ୍ଷୀ ସହର ପରିକ୍ରମା କରିଥିଲେ। ଚମ୍ପୁଆ ଶିବ ମନ୍ଦିରରୁ ଏହି ରାଲି ବାହାରି ଏନଏସିର ବିଭିନ୍ନ ୱାର୍ଡରେ ଏହି ପ୍ରଚାର ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏନଏସି ଚେୟାରମ୍ୟାନ ଗୀତାରାଣୀ ନାଏକ ଓ ଯୁବନେତା ଅଜୟ ଦାସ ଯୋଗ ଦେଇଥିଲେ। ପରିଶେଷରେ ସଖି କଲ୍ୟାଣ ମଣ୍ଡପଠାରେ ଏକ ସଭା ଆୟଜନ ହୋଇଥିଲା।

## ମନମୋହିଲା 'ପଦ୍ମାବତୀ' ଓ 'ଦୁର୍ଗତୀନାଶିନୀ'

ଆନନ୍ଦପୁର,୧୮।୪(ସ୍ୱ.ପ୍ର.)

ଘସିପୁରା ବ୍ଲକ ପଦନା ମା' ଖଣ୍ଡୁରୀ ପୀଠ ଚଇତି ପର୍ବରେ ଶାଳପଡା ବୀଣାପାଣି କଳାନିକେତନ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ ପଦ୍ମାବତୀ ଓ ଦୁର୍ଗତୀନାଶିନୀ ଦର୍ଶକଙ୍କ ମନମୋହିଛି। ପରେ ନୃତ୍ୟଶିଳ୍ପୀମାନେ ସମ୍ବଲପୁରୀ, ପଲ୍ଲୀ, ଡୁଏଟ୍ ଡ୍ୟାନ୍ସକୁ ପଦ୍ମଜା ମିଶ୍ର, ଦେବାଙ୍ଗୀ ସେନାପତି, ହର୍ଷିତା ଖଟୁଆ, ରାଜେଶ ଦାସ, ମୋନିକା ଦାସ, ଟୁଇଙ୍କିଲ ସାହୁ, ଇତିଶ୍ରୀ ସାହୁ, ମଧୁମିତା ମହାନ୍ତି, ସୁଇଟି ଦାଶ, ଲୀନୁ ମହାନ୍ତି, ଖୁସିରାଣୀ, ଶ୍ରଦ୍ଧାଞ୍ଜଳୀ ପଣ୍ଡା ପ୍ରମୁଖ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଅନୁଷ୍ଠାନ ପକ୍ଷରୁ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କଳାକାରମାନେ ଭୁବନେଶ୍ୱର ଏବଂ ଜଳେଶ୍ୱର ଠାରେ ଚଇତି ପର୍ବରେ ନୃତ୍ୟ ପରିବେଷଣ କରି ସମ୍ବର୍ଦ୍ଧିତ ହୋଇଥିଲେ।



ଚଇତି ପର୍ବରେ ବୀଣାପାଣି କଳାନିକେତନର କଳାକାରମାନେ।

## 'ହୋ'ଭାଷାରେ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

ଯୋଡ଼ା, ୧୮।୪(ଡି.ଏନ.ଏ.)

କେନ୍ଦୁଝର ଆଦିବାସୀ ହୋ ସମାଜ ମହାସଭା ପକ୍ଷରୁ ହୋ ଭାଷାର ବିକାଶ ଲକ୍ଷ୍ୟ ରଖି କେନ୍ଦୁଝର ଜିଲା ସମ୍ପାଦକ ଗୌରଚନ୍ଦ୍ର ମୁଣ୍ଡାଙ୍କ ଉଦ୍ୟମକ୍ରମେ ଏକ ଜିଲାସ୍ତରୀୟ ହୋ ଭାଷାରେ ଏକ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ହୋ ଭାଷାର ଓାରାଂ ଚିତି ଲିପିରେ ଚଳିତ ଶିକ୍ଷା ବର୍ଷରେ ଜିଲାରେ ଥିବା ୨୨ ଟି ପ୍ରାଥମିକ ବିଦ୍ୟାଳୟରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ ବ୍ଲକରେ ଥିବା ବିଦ୍ୟାଳୟର ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ହୋ' ଭାଷାଭାଷୀ ଛାତ୍ରୀଛାତ୍ର ଏହି ପରୀକ୍ଷା ଦେଇଥିଲେ । ଆଗାମୀ ଦିନରେ ଜିଲାର ସମସ୍ତ ବ୍ଲକରେ ଥିବା ବିଦ୍ୟାଳୟ ଗୁଡିକରେ ଏହି ଭାଷାରେ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିବା ଜିଲା ସମ୍ପାଦକ ଗୌରଚନ୍ଦ୍ର ମୁଣ୍ଡା ସୂଚନା ଦେଇଛନ୍ତି।

### ■ ଭାଜପାର ନିର୍ବାଚନ ସଭା
## 'ବିକାଶ ପାଇଁ ଡବଲ ଇଞ୍ଜିନ ଦରକାର'

ଚମ୍ପୁଆ, ୧୮।୪ (ଡି.ଏନ.ଏ.)



ନିର୍ବାଚନୀ ସଭାରେ ଉପସ୍ଥିତ ଅତିଥିମାନେ।

ଚମ୍ପୁଆ ନେହେରୁ ଷ୍ଟାଡିୟମଠାରେ ଭାଜପାର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନୀ ସଭାରେ ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର, କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀତମ ଦାସ, ଭାଜପା ବିଧାନସଭା ପ୍ରାର୍ଥୀ ମୁରଲୀ ମନୋହର ଶର୍ମା, ରାଜ୍ୟ ପ୍ରଭାରି ନିକୁଞ୍ଜ ବିହାରୀ ପଟ୍ଟନାୟକ, ମିତ୍ରଭାନୁ ମହାକୁଡ, ରମେଶ ପ୍ରଧାନ, ସିଦ୍ଧାର୍ଥ ସିଂ, ମାଇନରିଟି ସଭାପତି ମହତାବ ଆଲାମ ସମେତ ବହୁ ମାନ୍ୟଗଣ୍ୟ ନେତା ଓ କର୍ମୀ ଯୋଗ ଦେଇଥିଲେ। ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ଦରକାର ବୋଲି ଲେଖାଶ୍ରୀ ସୂଚନା ଦେବା ସହିତ ବିଜେଡି ସରକାରର ୧୯ ବର୍ଷ ଶାସନରେ ଓଡିଶା ଜନସାଧାରଣ ଅତିଷ୍ଠ ହୋଇପଡିଥିବା କହିଥିଲେ। ରାଜ୍ୟ ସରକାର କିପରି ନିର୍ବାଚନ ପୂର୍ବରୁ ଯୋଜନା କରି ଭୋଟରଙ୍କୁ ଭୁଲାଉଛନ୍ତି ତାହା ମଧ କହିଥିଲେ। ଏହି ନିର୍ବାଚନୀ ସଭାକୁ ମଣ୍ଡଳ ସଭାପତି ସନନୋଷ କୁମାର ସାହୁ ପରିଚାଳନା କରିଥିବା ବେଳେ ୪ ହଜାରରୁ ଉର୍ଦ୍ଧ୍ୱ ଲୋକ ଏହି ସଭାରେ ଯୋଗ ଦେଇଥିଲେ।

### ପାଳନ ହେଲାନି ବିଶ୍ୱ ଐତିହ୍ୟ ଦିବସ

# ଖରାରେ ଛିଡ଼ା ହୋଇ ଫେରିଲେ ଛାତ୍ରୀଛାତ୍ର



**ଢେଙ୍କାନାଳ ଅଫିସ,୧୮।୪**

ଢେଙ୍କାନାଳ ଜିଲା ସଦର ମହକୁମାରେ ଚଳିତ ବର୍ଷ ବିଶ୍ୱ ଐତିହ୍ୟ ଦିବସ ପାଳନ ହୋଇନାହିଁ। ଫଳରେ ସ୍କୁଲ ଛାତ୍ରୀଛାତ୍ରୀମାନେ ୨ ଘଣ୍ଟା ଖରାରେ ଛିଡ଼ା ହୋଇ ନିରାଶ ହୋଇ ଫେରିଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ଗୁରୁବାର ଏହି ଦିବସ ପାଳନ ପାଇଁ ଗତ ୬ ତାରିଖରୁ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ସ୍କୁଲକୁ ଚିଠି କରାଯାଇଥିଲା। ତଦନୁଯାୟୀ ସ୍କୁଲ ଛାତ୍ରୀଛାତ୍ରମାନେ ସକାଳ ୮ଟାରେ ସ୍ଥାନୀୟ ବଳରାମ ମନ୍ଦିରକୁ ଆସି ୨ ଘଣ୍ଟା ଖରାରେ ଛିଡ଼ା ହୋଇଥିଲେ। ହେଲେ ଜିଲା ସଂସ୍କୃତି ବିଭାଗର କୌଣସି କର୍ମଚାରୀଙ୍କ ଘଟଣାସ୍ଥଳରେ ଦେଖା ନ ମିଳିବାରୁ ଛାତ୍ରୀଛାତ୍ରମାନେ ନିରାଶ ହୋଇ ଫେରିଥିଲେ। ଏ ନେଇ ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ କହିଛନ୍ତି, ୬ତାରିଖରେ ଦିବସ ପାଳନ ପାଇଁ ସ୍କୁଲମାନଙ୍କୁ ଚିଠି ପଠାଯାଇଥିଲା। ପରବର୍ତ୍ତୀ ସମୟରେ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ଯୋଗୁ ଏହି ଦିବସ ପାଳନ ନ କରିବା ପାଇଁ ଫୋନ ମାଧ୍ୟମରେ ଜଣାଇ ଦିଆଯାଇଥିଲା। ସେହି ଅନୁସାରେ ଆମ କର୍ମଚାରୀଙ୍କୁ ସ୍କୁଲଗୁଡ଼ିକୁ ଯାଇ ମନା କରିବା ପାଇଁ କୁହାଯାଇଥିଲା। କିନ୍ତୁ ସେମାନେ କୌଣସି ସ୍କୁଲକୁ ଯାଇ ନ ଥିଲେ କି ସୂଚନା ଦେଇ ନ ଥିଲେ। ଫଳରେ ସ୍କୁଲ ଛାତ୍ରୀଛାତ୍ରମାନେ ଆସି ଅପେକ୍ଷା କରିଥିବା ଜଣାପଡ଼ିଥିଲା।

# ଗ୍ରାମାଞ୍ଚଳରେ ପୋଷ୍ଟର ବ୍ୟାନର ଛାଉଣି

**ବଉଁରପାଳ, ୧୮।୪ (ଡି.ଏନ୍.ଏ)**

ସାଧାରଣ ନିର୍ବାଚନକୁ ଆଉ ଦିନ କେଇଟା ବାକି ଥିବାବେଳେ ଦଳ ତଥା ପ୍ରାର୍ଥୀଙ୍କ ପକ୍ଷରୁ ଜୋରଦାର ହୋଇଛି ପ୍ରଚାର। ଗ୍ରାମାଞ୍ଚଳରେ ବି ଭୋଟରଙ୍କୁ ମନାଇବାକୁ ପ୍ରାର୍ଥୀ କସରତ ଚଳାଇଛନ୍ତି। ବିଭିନ୍ନ ଦଳୀୟ ଚିହ୍ନ ଓ ପ୍ରାର୍ଥୀଙ୍କ ଫଟୋ ଥିବା ବ୍ୟାନର, ପୋଷ୍ଟର ଗ୍ରାମରେ ଛାଉଣି ହୋଇଛି। ଘଣ୍ଟାକୁ ଘଣ୍ଟା ପ୍ରଚାର ଗାଡ଼ି ବୁଲୁଥିବାବେଳେ କେତେକ ସ୍ଥାନରେ ଭିଡିଓ ମାଧ୍ୟମରେ ପ୍ରଚାର ଚାଲିଛି। ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ମାଗୁଛନ୍ତି। ଏପରିକି ଭୋଟରଙ୍କୁ ନଡିଆ ଛୁଆଁଇ ପ୍ରାର୍ଥୀମାନେ ଭୋଟ ମାଗୁଥିବା ଦେଖିବାକୁ ମିଳୁଛି। ସେହିପରି ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଘନ ଘନ ବୈଠକ କରାଯିବ ସହ ଭୋଜି ଭାତର ମଧ୍ୟ ଆୟୋଜନ କରାଯାଉଛି।






# ଶ୍ରଦ୍ଧାଳୁଙ୍କୁ ପଣା,ପାଣି ବଣ୍ଟନ

**ଅନୁଗୋଳ ଅଫିସ, ୧୮।୪**

ଅନୁଗୋଳର ଗୋପାଳପ୍ରସାଦଠାରେ ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ଯାତ୍ରା ପାଇଁ ଯାଉଥିବା ଶ୍ରଦ୍ଧାଳୁମାନଙ୍କୁ କୁଇଓ ଠାରେ ମହାରାଣୀ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦହି ସର୍ବତ ବଣ୍ଟନ କରାଯାଇଛି। ଚାରି ଟେବୁଲ ପକ୍ଷରୁ ଏକ ଷ୍ଟଲ ଖୋଲାଯାଇ ଭକ୍ତମାନଙ୍କୁ ଗରମରୁ ରକ୍ଷା କରିବା ପାଇଁ ଏପରି କାର୍ଯ୍ୟ କରାଯାଇଥିବା କୁହାଯାଉଛି।



ଷ୍ଟଲରେ ଭକ୍ତମାନଙ୍କ ପାଇଁ ଶୀତଳ ପାନୀୟ ଜଳ, ଦହି ସର୍ବତ, ତରଭୁଜ ଆଦି ବଣ୍ଟନ କରାଯାଇଥିଲା। ପୂର୍ବତନ କାଉନସିଲର ସତ୍ୟାନନ୍ଦ ଦଳବେହେରା ଓ ଶିକ୍ଷାବିତ୍ ବୃନ୍ଦାବନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଏହି ଷ୍ଟଲକୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟର ନିର୍ଦ୍ଦେଶକ ଅଜୟ କୁମାର ଦଳବେହେରାଙ୍କ ସମେତ ଚିଣ୍ଟୁ ଦଳବେହେରା, ହେମନ୍ତ ଜେନା, ବିଶାଳ ଦଳବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ ଅଭିଯୋଗ

**କଣିହାଁ, ୧୮।୪(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ୍ ବଜାର ମେଡିକାଲ ଛକରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ କିଛିଦିନ ହେଲା କେହି ଦୁର୍ବୃତ୍ତ ମଇଳା କପଡା ଗୁଡାଇ ଦେଉଥିବା ନେଇ ଗୁରୁବାର ରେଙ୍ଗାଳି ଥାନାରେ ଅଭିଯୋଗ ହୋଇଛି। ତୁରନ୍ତ ଏପରି କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ



କାର୍ଯ୍ୟାନୁଷ୍ଠାନ ନେବାକୁ ବିଜୁ ସ୍ମୃତି କମିଟି ଓ ବିଜେଡି ପକ୍ଷରୁ ଦାବି କରାଯାଇଛି। ବିଜୁ ସ୍ମୃତି କମିଟି ଓ ବିଜେଡି କାର୍ଯ୍ୟକର୍ତ୍ତା ସୀମାଞ୍ଚଳ ପଣ୍ଡା, ବିଜୟ ସାମଲ, ରୋହିତ ସାମଲ କହିଛନ୍ତି, ଯେକେହି ଏପରି ଘୃଣ୍ୟ କାମ କରୁଛନ୍ତି ତାଙ୍କୁ ତୁରନ୍ତ ଗିରଫ କରାଯାଉ। ଏ ସମ୍ପର୍କରେ ରେଙ୍ଗାଳି ଥାନା ଆଇଆଇସି ସରୋଜକାନ୍ତ ସାମଲଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରିନାହିଁ।






### ମାଟି କୁଟୀର ଶିଳ୍ପକୁ ସରକାରୀ ଉଦାସୀନତା

# ବେଉସା ହରାଉଛନ୍ତି ହଜାରେ କୁମ୍ଭାର ପରିବାର

**ଅନୁଗୋଳ ଅଫିସ, ୧୮।୪**

ଡିଜିଟାଲ ଯୁଗରେ ଦେଶ ଆଗକୁ ବଢୁଛି। କିନ୍ତୁ ବିଭିନ୍ନ କୌଳିକ ବୃତ୍ତି ଧୀରେ ଧୀରେ ବୁଡ଼ି ଯାଉଛି। ଉପଯୁକ୍ତ ପ୍ରୋତ୍ସାହନ ଦିଗରେ ସରକାର ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ କୌଳିକ ବୃତ୍ତିକୁ ଆପଣାଇ ବଞ୍ଚୁଥିବା କାରିଗରମାନେ ଅଭାବ ଅନଟନରେ ଦିନ କାଟୁଛନ୍ତି। ଏପରି କି ସେମାନେ ପରମ୍ପରାରୁ ବାହାରିଯାଇ ଦିନ ମଜୁରିଆ ଭାବେ ଖଟିବାକୁ ବାଧ୍ୟ ହେଉଛନ୍ତି। କୌଳିକ ବୃତ୍ତିଧାରୀଙ୍କ ପ୍ରତି ସରକାରଙ୍କ ଏପରି ଉଦାସୀନ ମନୋଭାବ ନେଇ ଅସନ୍ତୋଷ ବ୍ୟକ୍ତ କରିଛି ଅନୁଗୋଳ ଜିଲା କୁରାଳ (କୁମ୍ଭାର) ଜନମଙ୍ଗଳ ସମାଜ। ଆଗାମୀ ଦିନରେ ଏ ନେଇ ଆନ୍ଦୋଳନ କରାଯିବ ବୋଲି କୁରାଳ ଜନମଙ୍ଗଳ ସମାଜ ସମ୍ପାଦକ ପ୍ରମୋଦ ଚନ୍ଦ୍ର ରାଉଳ ଚେତାବନୀ ଦେଇଛନ୍ତି।

ଅନୁଗୋଳ ଜିଲାରେ ହଜାରେ କୁମ୍ଭାର ପରିବାର ବସବାସ କରି ଆସୁଛନ୍ତି। କିନ୍ତୁ ପୂର୍ବପରି ଆଉ ବ୍ୟବସାୟ ହେଉ ନ ଥିବାରୁ ଜିଲାର ଏହି କୁଟୀର ଶିଳ୍ପ ଭୁଶୁଡ଼ି ଯିବାକୁ ବସିଛି। ଜିଲାର ଅନେକ ଶିଳ୍ପୀ ଟେରାକୋଟା ତାଲିମ ନେଇଛନ୍ତି। କୁମ୍ଭାର ଶାଳ ଓ ପ୍ରୋତ୍ସାହନ ଦେବା ପାଇଁ ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ। ତେବେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା, ବୃଦ୍ଧ କାରିଗରଙ୍କୁ କରିଗର ପେନ୍‌ସନ ସମ୍ମାନ, ଚିକିତ୍ସା ସୁବିଧା, ନୂଆ ପିଢ଼ିକୁ ପ୍ରଶିକ୍ଷଣ ଦେଇ ମାଟି ତିଆରି ଜିନିଷର ବଜାରକରଣ କରିବାକୁ ଅନୁଗୋଳ ଜିଲା କମିଟିର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ଏଥିସହ ଟେରାକୋଟା ସଂସ୍ଥାକୁ ପ୍ରଶାସନିକ ପକ୍ଷରୁ ସହଯୋଗ କଲେ ଏକ ହଜାର କୁମ୍ଭାର ପରିବାରର ଜୀବନ ସୁରକ୍ଷା ହୋଇପାରିବ ବୋଲି ଜିଲା କମିଟି ପକ୍ଷରୁ ଦାବି କରାଯାଇଛି। ଏହାକୁ ଅଣଦେଖା କଲେ ଆଗକୁ ଆନ୍ଦୋଳନ କରିବାକୁ ସମାଜ ପକ୍ଷରୁ କମିଟିର କର୍ମକର୍ତ୍ତା ସଭାପତି ନୀଳକଣ୍ଠ ମୁଦୁଲି, ଉପସଭାପତି ନାରାୟଣ ମୁଦୁଲି, ସମ୍ପାଦକ ପ୍ରମୋଦ ଚନ୍ଦ୍ର ରାଉଳ, ଲୋକନାଥ ବେହେରା, ଶୁକଦେବ ବେହେରା, ରବୀନ୍ଦ୍ର ନାଥ ବେହେରା, ବିଦ୍ୟାଧର ବେହେରା, ମହେଶ୍ୱର ବେହେରା, କୃଷ୍ଣଚନ୍ଦ୍ର ବେହେରା, ସଦାନନ୍ଦ ବେହେରା, ଶୁକ୍ରୁ ରାଉଳ, ଦୁଃଖବନ୍ଧୁ ରାଉଳ, ପ୍ରାଣବନ୍ଧୁ ମୁଦୁଲି, ଉଆଳି ମୁଦୁଲି, ରାମଚନ୍ଦ୍ର ରାଉଳ, ଦିଗାମ୍ବର ବେହେରା, ଚିନ୍ତା ମୁଦୁଲି ପ୍ରମୁଖ ଚେତାବନୀ ଦେଇଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ